# ଜିଲ୍ଲାର ୩ ସ୍ଥାନରେ ନିର୍ମାଣ ହେବ ଟ୍ରକ୍ ଟର୍ମିନାଲ

ରାୟଗଡ଼ା,୨୦।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ୩ଟି ସ୍ଥାନରେ ନିର୍ମାଣ ହେବ ଟ୍ରକ୍ ଟର୍ମିନାଲ। ରାୟଗଡ଼ା, ଟିକିରି ଓ ଥେରୁବାଲିଠାରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ସ୍ଥାନରେ ୧୫ ଏକର ଜମିର ଆବଶ୍ୟକ ରହିଛି। ଜମି ହସ୍ତାନ୍ତର ହେବାପରେ ପରିବହନ ବିଭାଗ ପକ୍ଷରୁ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବୁଧବାର ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥର ଦୁରବସ୍ଥା ନେଇ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ତେବେ ଜେକେପୁରଠାରେ ନାଗାବଳୀ ନଦୀ ଉପରେ ନୂତନ ପୋଲ ନିର୍ମାଣ ହେବ ବୋଲି ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁମାର୍ଜିନୀ ସେଠୀ ସୂଚନା ଦେଇଥିଲେ। ଅପରପକ୍ଷରେ, ୨୦୧୯ ପରଠାରୁ ସଡ଼କ ସୁରକ୍ଷା ଅଡିଟ୍ ହୋଇ ନ ଥିବା ନେଇ ପୂର୍ତ୍ତ ବିଭାଗ ଉପରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ଜିଲାପାଳ। ବୈଠକରେ ଏସ୍‌ପି ସ୍ୱାଥୀ ଏସ୍. କୁମାର ଉପସ୍ଥିତ ରହି ଦୁର୍ଘଟଣା ହ୍ରାସ ଉପରେ ଆଲୋଚନା କରିଥିଲେ। ଏଭଳିକି ଉକ୍ତ ବୈଠକରେ ପ୍ରଥମ ଥର ପାଇଁ ଜିଲାର ସମସ୍ତ ଥାନାର ଆଇଆଇସିମାନଙ୍କୁ ଭର୍ଚୁଆଲରେ ଯୋଡ଼ି ଆଲୋଚନା କରାଯାଇଥିଲା।

ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ବିଭିନ୍ନ ସମୟରେ ଗାଡ଼ି ଚେକିଂ ବେଳେ ପରିବହନ ବିଭାଗ ପକ୍ଷରୁ ୮୨୮ ଓ ପୋଲିସ ପକ୍ଷରୁ ୮୪ ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶିବପ୍ରସାଦ ଚୌଧୁରୀ ସୂଚନା ଦେଇଥିଲେ। ଅପରପକ୍ଷରେ ୨୦୨୩ ଅପେକ୍ଷା ଚଳିତ ବର୍ଷ ଚେକିଂ କମିଥିବାରୁ ଜିଲାପାଳ ଓ ଏସ୍‌ପି ଉଦ୍‌ବେଗ ପ୍ରକାଶ କରିଥିଲେ। ଡିସେମ୍ବର ଶେଷ ପର୍ଯ୍ୟନ୍ତ ପୋଲିସ ଓ ପରିବହନ ବିଭାଗ ମିଳିତ ଏନ୍‌ଫୋର୍ସମେଣ୍ଟ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅପରପକ୍ଷରେ, ରାୟଗଡ଼ା ସହରରେ ଅନେକ ଦୋକାନ, ଶପିଂମଲ୍, ବ୍ୟବସାୟିକ ପ୍ରତିଷ୍ଠାନର ପାର୍କିଂ ପାଇଁ ସ୍ଥାନ ନ ଥିବା ବେଳେ ମନଇଚ୍ଛା କୋଠା ନିର୍ମାଣ ହୋଇଥିବା ଅଭିଯୋଗ ହୋଇଥିଲା। ପୌର ପରିଷଦ ଅନୁମୋଦନକୁ ଅଣଦେଖାକରି କୋଠା ନିର୍ମାଣ ହେବା ଯୋଗୁ ରାସ୍ତା ସଙ୍କୁଚିତ ହୋଇଯାଇଛି। ଫଳରେ ଦୁର୍ଘଟଣା ବଢୁଥିବା ସଭ୍ୟମାନେ କହିଥିଲେ। ଏହାପରେ ସମସ୍ତ ସ୍ଥାନରୁ ଅବରୋଧ ହଟାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ପୌର ପରିଷଦ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମ୍ବିକେୟ ମିଶ୍ର, ସଡକ ସୁରକ୍ଷା କମିଟି ସଭ୍ୟ ଗୋପରଞ୍ଜନ ବକ୍ସିପାତ୍ର, ରାଜେଶ ପଟ୍ଟନାୟକ, ମିଳନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ, ଏସ୍‌ପି, ପରିବହନ ଅଧିକାରୀ ଏବଂ ଅନ୍ୟମାନେ ଆଲୋଚନା କରୁଛନ୍ତି।

- ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ
- ଖୁବ୍‌ଶୀଘ୍ର ନାଗାବଳୀ ଉପରେ ନୂତନ ପୋଲ ନିର୍ମାଣ ହେବ
- ଦୁର୍ଘଟଣା ହ୍ରାସ ଉପରେ ଆଲୋଚନା

# ମୃତ ନବଜାତ ଶିଶୁପୁତ୍ରକୁ ଝୁଣି ଖାଇଲେ କୁକୁର

ରାୟଗଡ଼ା,୨୦।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମେଡିକାଲ ପଛପଟ ବୁଦା ମୂଳେ ପଡ଼ିଥିବା ଏକ ମୃତ ନବଜାତ ଶିଶୁପୁତ୍ରକୁ କୁକୁରମାନେ ଝୁଣି ଖାଉଥିବାର ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସ ଓ ପୌର ପରିଷଦକୁ ସୂଚନା ଦେଇଥିଲେ ମଧ୍ୟ କେହି ଘଟଣାସ୍ଥଳକୁ ଆସି ନ ଥିବା ଅଭିଯୋଗ ହୋଇଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟେ କେହି ମୃତ ଶିଶୁକୁ ଫିଙ୍ଗିଦେଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ମୃତ ଶିଶୁକୁ ମାଟି ଖୋଳି ପୋତିବା ବଦଳରେ ଫିଙ୍ଗିବା କାରଣରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଆଲୋଚନା ହେଉଛି। ଅପରପକ୍ଷରେ ସୂଚନା ଦେବା ପରେ ମଧ୍ୟ ପୋଲିସ ଓ ପୌର ପରିଷଦ ତରଫରୁ କେହି ଘଟଣାସ୍ଥଳକୁ ନ ଆସିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜିଲାସ୍ତରୀୟ ମେଳା ପାଇଁ ୮ ଶ୍ରେଷ୍ଠ ପ୍ରକଳ୍ପ ଚୟନ


ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ରାୟଗଡ଼ା ,୨୦।୧୧(ଆଶିଷ ରଞ୍ଜନ ପଣ୍ଡା )

**ରାୟଗଡ଼ା ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା**

ରାୟଗଡ଼ା ଜିସିଡି ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମେଳାରେ ରାୟଗଡ଼ ବ୍ଲକରୁ ୪୫ ଜଣ ମାର୍ଗଦର୍ଶକ ଶିକ୍ଷକ ଓ ୨୫୦ ଛାତ୍ରୀଛାତ୍ର ଭାଗନେଇଥିବାବେଳେ ୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିମଧ୍ୟରୁ ଶ୍ରେଷ୍ଠ ୮ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ପାଇଁ ଚୟନ କରାଯାଇଛି। ଏହି ପ୍ରକଳ୍ପ ମଧ୍ୟରୁ ବାଳିକା ଉଚ୍ଚ ବିଦ୍ୟାଳୟର ୨ଟି, ହାଲୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଗୋଟିଏ, କେମାଳିଗାଉଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଗୋଟିଏ, କାର୍ଲାକଣା ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ୧ଟି ଓ ତାଡମାରୁ ୧ଟି ଏବଂ ଜିସିଡି ଉଚ୍ଚ ବିଦ୍ୟାଳୟରୁ ୧ଟି ପ୍ରକଳ୍ପକୁ ଚୟନ କରାଯାଇଥିଲା । ଏହି ମେଳାକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଆବାହକ ଭାବେ ଜିସିଡ଼ି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାୟଗଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ ଏବଂ ସମ୍ମାନିତ ଅତିଥି ସୁନିତା ଭୋଇ ଉପସ୍ଥିତ ରହିଥିଲେ । ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ମେଳା ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଦେଖି ଖୁସି ପ୍ରକଟ କରିଥିଲେ ।

# ୭ ପ୍ରକଳ୍ପ ଜିଲାସ୍ତରୀୟ ମେଳା ପାଇଁ ମନୋନୀତ

ଗୁଡାରି,୨୦।୧୧(ପ୍ରମୋଦ କୁମାର ପତି)

ଗୁଡାରି ସରକାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନମେଳାକୁ ବିଇଓ ରତ୍ନମୟୀ ପୁରୋହିତ ଉଦ୍‌ଘାଟନ କରିଥିଲେ। ମେଳାରେ ବ୍ଲକରୁ ୬୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ୭ ଛାତ୍ରୀଛାତ୍ର ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ ବୋଲି ସୂଚନା ମିଳିଛି। ବିଚାରକ ଭାବେ ଶିକ୍ଷକ ପ୍ରଭାତ କୁମାର ପତି, ମିତ୍ରଭାନୁ ପ୍ରଧାନ,ନିରଞ୍ଜନ ସାହୁ ଓ ଅଧ୍ୟାପକ ଆଶିଷ କୁମାର ସାହୁ ଦାୟିତ୍ୱ ତୁଲାଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁତା ରୂପମାଝୀ, ଦୁଷ୍ମନ୍ତ କୁମାର ମିଶ୍ର ଏବଂ ଅନ୍ୟମାନେ ପରିଚାଳନା କରିଥିଲେ।


ଅତିଥିମାନେ ପୁରସ୍କାର ବିତରଣ କରୁଛନ୍ତି।

# ୨୪ ଷ୍ଟଲ୍‌ରେ କୃଷି ଯନ୍ତ୍ରପାତି ପ୍ରଦର୍ଶିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗୁଣପୁର,୨୦।୧୧(ପ୍ରଦୀପ କୁମାର ପାଢ଼ୀ)

**ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସ୍ଥାନୀୟ ସେବା ସମାଜ ସମ୍ମୁଖ ଶତାୟୁ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବରେ ବିଧାୟକ ସତ୍ୟଜିତ ଗମାଙ୍ଗ ମୁଖ୍ୟ ଅତିଥି, ଗୁଣପୁର ପୌରାଧ୍ୟକ୍ଷା ମମତା ଗୌଡ଼, ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ମୁଖ୍ୟ ଜିଲା କୃଷି ଅଧିକାରୀ ବିଷ୍ଣୁପ୍ରସାଦ କର, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀନାଥ ପଟ୍ଟନାୟକ, କୃଷି ବୈଜ୍ଞାନିକ ରାଜୀବ ଗୁଡ୍ଡୁ, କୃଷି ଜିଲା ଅଧିକାରୀ ବୃନ୍ଦାବନ ବେହେରା, ଚିତ୍ତରଞ୍ଜନ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦର୍ଶନୀରେ ୨୪ଟି ଷ୍ଟଲ୍ ଖୋଲାଯାଇଥିଲା । କୃଷି ବିଭାଗର ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ କରାଯିବା ସହ କାର୍ଯ୍ୟକାରିତା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା । ପ୍ରଥମ ଦିନରେ ଗୁଡ଼ାରି, ପଦ୍ମପୁର, ରାମନାଗୁଡା ଅଞ୍ଚଳର ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହୋଇପାରିଥିବା ଚାଷୀ ବସନ୍ତ ମିଶାଲ, ସୁଦାମ ମାଝୀ, ଚୂଡ଼ାମଣି ଅଣ୍ଡରୁ, ଗୀତାଞ୍ଜଳି ସାହୁ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କୃଷି ଓ କୃଷକ ସଶକ୍ତୀକରଣ ସହ ବିଭିନ୍ନ ଚାଷକରି ଚାଷୀ ସ୍ୱାବଲମ୍ବୀ ହୋଇପାରିଲେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଫଳ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିବସରେ ୫ଟି ଟ୍ରାକ୍ଟର, ବହୁ କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିଲା । ଶେଷରେ ମୁନିଗୁଡ଼ା କୃଷି ଜିଲା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜ୍ଞାନ ମେଳାରେ ୧୨୧ ପ୍ରକଳ୍ପ ପ୍ରଦର୍ଶିତ

ଗୁଣପୁର,୨୦।୧୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଶତାୟୁ ବାଳକ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଜଗନ୍ନାଥପୁର ସରକାରୀ ଡାକ୍ତରଖାନାର ଭାରପ୍ରାପ୍ତ ଡାକ୍ତର ଭାର୍ଗବ ସାହୁ, ବିଇଓ ପ୍ରତିଶ୍ରୁତି ସିଂ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହେମାନନ୍ଦ ବରିହା ଯୋଗ ଦେଇଥିଲେ। ଏଥିରେ ମୋଟ ୧୨୧ ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରଥମ ସ୍ଥାନରେ ଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ବିଜ୍ଞାନ ସେମିନାରରେ ଯୋଗ ଦେବେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ବିଜ୍ଞାନ ସୁପରଭାଇଜର ଦୀପକ କୁମାର ବେହେରା ଓ ପେଡାଗୋଜୀ ସଂଯୋଜକ ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସଞ୍ଜୀବ କୁମାର ପଟ୍ଟନାୟକ ସଂଯୋଜନା ଏବଂ ସିଆରସିସି ଗୋପୀନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।



# ଫାର୍ମାସୀ ସପ୍ତାହରେ ସ୍ୱାସ୍ଥ୍ୟ ଶିବିର


ସ୍ୱାସ୍ଥ୍ୟ ଶିବିରରେ ଔଷଧ ଦିଆଯାଉଛି।

ରାୟଗଡା,୨୦।୧୧(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ସହର ଉପଖଣ୍ଡ ପିତାମହଲସ୍ଥିତ ସେଞ୍ଚୁରିଆନ ପବ୍ଲିକ୍ ସ୍କୁଲରେ ୬୩ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଫାର୍ମାସୀ ବିଭାଗ ଛାତ୍ରୀଛାତ୍ର ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପିକା,ଅଧ୍ୟାପକ,ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡଃ ରାଜେଶ କୁମାର ପାଢ଼ୀ, ଫାର୍ମାସୀ ବିଭାଗ ଅଧ୍ୟକ୍ଷ ଡଃ ଚନ୍ଦ୍ରଶେଖର ପାତ୍ର, ନର୍ସିଂ ବିଭାଗ ଅଧ୍ୟକ୍ଷ କେ.ଉର୍ମିଳା, ସେଞ୍ଚୁରିଆନ ପବ୍ଲିକ ସ୍କୁଲ ଉପାଧ୍ୟକ୍ଷ ଧୀରଜ ମହାନ୍ତି, ଲୋକ ସମ୍ପର୍କ ଅଧିକାରୀ ତୁଷାର ରଞ୍ଜନ ସାହୁ, ଅଧ୍ୟାପକ ଗୋପାଳକ୍ରିଷ୍ଣା ପାଢ଼ୀ, ଡଃ ଲାଡି ଅଲିକ କୁମାର, ଡଃ ହରଗୌରୀ ମିଶ୍ର, ଡଃ ଦୀପଙ୍କର ରଥ, ଶ୍ୟାମ ସୁନ୍ଦର ସାହୁ, ପଲ୍ଲିଶ୍ରୀ ଭୁକ୍ତା, ବବିତା ଅଧିକାରୀ, ସଂଘମିତ୍ରା ଶତପଥୀ, ଶୈଳଜା ସାହୁ, ଜି.ଶିବାନୀ, କାମିନୀ ସେଠୀ, ଭରତ ଭୂଷଣ ସାହୁ, ରୂପ ରଞ୍ଜନ ରଥ, ୱାଇ.ଭି.ଭି.ଯୋଗେନ୍ଦ୍ର, ପି. ରବି ତେଜା,ନୃସିଂହ ମହାପାତ୍ର ଓ ସମସ୍ତ ଫାର୍ମାସୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ମିଟ୍‌ସରେ ଦୁଇ ଦିନିଆ କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରାୟଗଡା,୨୦।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ଭୁଜବଳସ୍ଥିତ ମିଟ୍‌ସ ବୈଷୟିକ ଅନୁଷ୍ଠାନରେ ଟାଲି ପ୍ରାଇମ ଆର୍ଥିକ ସଫ୍ଟୱେର୍ ଉପରେ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ନିର୍ଦ୍ଦେଶକ ଡକ୍ଟର ସି.ଭି.ଗୋପୀନାଥଙ୍କ ଉପସ୍ଥିତିରେ ମିଟସ ଗ୍ରୁପର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ଉଦ୍‌ଘାଟନ କରିଥିଲେ। ମିଟ୍‌ସର ନିର୍ଦ୍ଦେଶକ ଗୋପୀନାଥ, ଟାଲିର ବିଶେଷଜ୍ଞ ଜି.ନାଗେଶ୍ୱରା ରାଓ ଯୋଗଦେଇ ସାମ୍ପ୍ରତିକ ବୃତ୍ତିଗତ ଦୃଶ୍ୟରେ ଆର୍ଥିକ ସଫ୍ଟୱେୟାରର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଇଣ୍ଟରାକ୍ଟିଭ ଅଧିବେଶନରେ ଭିମସ ଓ ସିଟି କଲେଜ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର, ଅଧ୍ୟାପିକା, ମିଟ୍‌ସର ବିବିଏ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଜି. ନାଗେଶ୍ୱରା ରାଓଙ୍କ ନେତୃତ୍ୱରେ ବ୍ୟବହାରିକ ବ୍ୟାୟାମ, କେସଷ୍ଟଡି ସମ୍ପର୍କରେ ଆଲୋଚନା ହୋଇଥିଲା । ଅତିଥିମାନେ ପ୍ରଭାବଶାଳୀ ଆର୍ଥିକ ବିଶ୍ଳେଷଣ ଏବଂ ପରିଚାଳନା ପାଇଁ ଟାଲି ପ୍ରାଇମ ବ୍ୟବହାର ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଅନୀତା ନନ୍ଦ, ତିରୁପତି ଗହିରା, ପଲ୍ଲଭି ତ୍ରିପାଠୀ, ଶୁଭ ଚନ୍ଦନ ପ୍ରମୁଖ ସଂଯୋଜନା କରିଥିଲେ। କର୍ମଶାଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମିଟ୍‌ସର ଅଧ୍ୟକ୍ଷ ପ୍ରଫେସର ରାମାନୁଜ ନାୟକ, ନିର୍ଦ୍ଦେଶକ ଡ. ସି.ଭି.ଗୋପୀନାଥ ଯୋଗଦେଇଥିଲେ ।

# ଜାତୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଗୁଣପୁର,୨୦।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିକ୍ରମପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ୪ର୍ଥ ଓ ୫ମ ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଗୁଣପୁର ଉପ ଜିଲାପାଳ କିରନଦୀପ କୌର ସହୋତା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଗୁଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲ୍ଲୀ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମଣ୍ଡଳ ଶିକ୍ଷାଧୀଶ ଶ୍ୟାମଘନ ଭୂୟାଁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁରଜ ନାୟକ, ଏସ୍‌ଓ ପ୍ରଦୀପ୍ତ କୁମାର ଦଳାଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଓ ଗୁଣପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଶବର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅନନ୍ତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଉପଜିଲାପାଳ ୧୮ ଜିଲାର ୩୦ ଏକଲବ୍ୟ ବିଦ୍ୟାଳୟରୁ ଆସିଥିବା ୬୪୩ ପ୍ରତିଯୋଗୀଙ୍କୁ ଉଦ୍‌ବୋଧନ ଦେଇ କ୍ରୀଡ଼ା ମଶାଲ ସ୍ଥାପନ କରି ମହୋତ୍ସବ ଆରମ୍ଭ କରିଥିଲେ। ଏଥିରେ ୧୪ ଓ ୧୯ ବର୍ଷରୁ କମ୍ ୨ ବିଭାଗର ବାଳିକା ଓ ବାଳକ ବର୍ଗର କବାଡି,ଉଚ୍ଚ ଡିଆଁ, ଲମ୍ଫ ଡିଆଁ, ଟ୍ରିପଲ ଡିଆଁ, ସଟ୍ ପୁଟ, ଡିସ୍କସ ଥ୍ରୋ ଓ ଜାଭେଲିନ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାବୁଲା ମେଲାକା, ବିରେନ୍ଦ୍ର କିଲାକା, ସଂକର୍ଷଣ ମହାନ୍ତି, ମନୋଜ ତୁଳ, ହରେକୃଷ୍ଣ ଗୌଡ, ସଚିନ କୁମାର ଜେନା, ରମା ଶଙ୍କର ପାଲ, ହେମନ୍ତ କୁମାର, ଜିନନ୍ତ ଶବର, ନମିତା ରଥ, ନନ୍ଦିନୀ ପଣ୍ଡା, ଅଲିଭା ଜ୍ୟୋତି ଦେ, ଅପର୍ଣ୍ଣା ପାତ୍ର, ସହକାରୀ ଶିକ୍ଷକ ସିମାଞ୍ଚଳ ପାତ୍ର ଓ ଶନ୍ତୁ ଶର୍ମା ପରିଚାଳନା କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଦେବୀ ପ୍ରସାଦ ପାଢ଼ୀ ବିଚାରକ ଥିଲେ।



କ୍ରୀଡ଼ା ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ମୁନିଗୁଡ଼ାରେ ଭୂତଳ ରାସ୍ତା ନିର୍ମାଣ ଦାବିରେ ୨୨ରୁ ଧାରଣା

ମୁନିଗୁଡ଼ା,୨୦।୧୧
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡାର ତିନି କୋଣିଆ ଛକଠାରେ ଭୂତଳ ରାସ୍ତା ନିର୍ମାଣ ଦାବିକୁ ନେଇ ଧାରଣା ନିମନ୍ତେ ସ୍ଥାନୀୟ ଏକ ହୋଟେଲରେ ମୁନିଗୁଡ଼ା ପ୍ରଗତି ମଞ୍ଚ ତରଫରୁ ବୈଠକ ଅନୁଷ୍ଠିତ ହୋଇଛି । ମଞ୍ଚର ସଭାପତି ସିଏଚ୍ ଗଣେଶ୍ୱର ରାଓ ଓ ସମ୍ପାଦକ ସୀମାଞ୍ଚଳ ପଣ୍ଡାଙ୍କ ମିଳିତ ସଂଯୋଜନାରେ ଆୟୋଜିତ ବୈଠକରେ ଉପଦେଷ୍ଟା ଏମ୍‌ଡି.ଆୟୁବ ଓ ମୀନକେତନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ବୈଠକ ଆୟୋଜିତ ହୋଇଥିଲା। ତୁରନ୍ତ ଭୂତଳ ରାସ୍ତା ନିର୍ମାଣ ନ ହେଲେ ମଞ୍ଚ ତରଫରୁ ଆସନ୍ତା ୨୨ ତାରିଖରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ମଞ୍ଚର କର୍ମକର୍ତ୍ତା ଜଗନ୍ନାଥ ମନ୍ଦିର ପରିସରରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ରେଳ ଷ୍ଟେଶନ ସାମନା ଅଟୋ ଷ୍ଟାଣ୍ଡ ନିକଟରେ ଧାରଣାସ୍ଥଳରେ ପହଞ୍ଚି ପ୍ରତୀକାତ୍ମକ ଧାରଣା ଦେବା ନିମନ୍ତେ ବୈଠକରେ ନିଷ୍ପତି ହୋଇଥିଲା । ମୁନିଗୁଡାର ବିଭିନ୍ନ ସାମାଜିକ, ଧାର୍ମିକ, ସାଂସ୍କୃତିକ, ରାଜନୈତିକ ସଙ୍ଗଠନ ଓ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ସମସ୍ତ ଜନସାଧାରଣଙ୍କୁ ଉକ୍ତ ଧାରଣାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ତୃତୀୟ ରେଳ ଲାଇନ ନିର୍ମାଣ ଯୋଗୁ ମୁନିଗୁଡାର ତିନି କୋଣିଆ ଛକଠାରେ ଥିବା ରେଳବାଇ ଫାଟକ ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସେଠାରେ ଭୂତଳ ରାସ୍ତା ନିର୍ମାଣ କରିବାକୁ ଦୀର୍ଘ ଦିନ ଧରି ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଆସୁଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ପ୍ରଗତି ମଞ୍ଚ ତରଫରୁ ଏହି ନିଷ୍ପତ୍ତ ନିଆଯାଇଥିବା କୁହାଯାଇଛି। ଉକ୍ତ ବୈଠକରେ ମଞ୍ଚର ଉପ ସଭାପତି ରାଜୀବ ଲୋଚନ ଦାସ, ସହ ସମ୍ପାଦକ ମନୋରଞ୍ଜନ ଦଳାଇ, କୋଷାଧ୍ୟକ୍ଷ ନନ୍ଦ କିଶୋର ପଟ୍ଟନାୟକ, ନବୀନ ପାତ୍ର, ସୁଦାମ ପଣ୍ଡା, ନରେଶ ପାତ୍ର, ପ୍ରଭାତ ପାଣିଗ୍ରାହୀ,ବାଲାଜୀ ପାତ୍ର, ବିଦ୍ୟାଧର ଦାସ, ପ୍ରମୋଦ ସାହୁକାର, କେ.ଶ୍ରୀନିବାସ, ଲାଡି, ଶଙ୍କର ରାଓ, ବି.ଆନନ୍ଦ ରାଓ, ଦୁଃଖିଶ୍ୟାମ ସୁବୁଦ୍ଧିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।


ବୈଠକରେ ମୁନିଗୁଡ଼ା ପ୍ରଗତି ମଞ୍ଚ ସଦସ୍ୟ ଆଲୋଚନା କରୁଛନ୍ତି।

# କଳା, ସଂସ୍କୃତି, ପରମ୍ପରା ବିକାଶର ବାର୍ତ୍ତା ଦେଉଛି ମଣ୍ଡେଇ

## ଜିଲାସ୍ତରୀୟ ଲୋକ ମହୋତ୍ସବ ଶୁଭାରମ୍ଭ

ନବରଙ୍ଗପୁର,୨୦।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ଧଣ୍ଡା ଝାଡେଶ୍ୱର ଶୈବପୀଠ ଓ ଡଙ୍ଗରଦେଇ ମନ୍ଦିରରୁ ଶୁଭାରମ୍ଭ ହୋଇଛି ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଶୁଭଙ୍କର ମହାପାତ୍ରଙ୍କ ପୌରୋହିତ୍ୟରେ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଣ୍ଡେଇ ମଶାଲ ପ୍ରଜ୍ୱଳିତ ହୋଇଥିଲା। ବାଲି ବିହନ ଚାଙ୍ଗୁଡ଼ି, ଦେବୀ ଲାଠି, ଚୌକି, ଭିମା ଭମାଣି ନିଦର୍ଶନ ପ୍ରତିମୂର୍ତ୍ତି, ଦିଶାରୀ ଓ ବିଭିନ୍ନ ପାରମ୍ପରିକ ନୃତ୍ୟରେ ବିଶାଳ ଶୋଭାଯାତ୍ରା ବାହାରି ଗାଁ ତଳମୁଣ୍ଡ ପଡ଼ିଆରେ ଅନୁଷ୍ଠିତ ସଭା ମଞ୍ଚରେ ପହଞ୍ଚିଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ ମୁଖ୍ୟ ଅତିଥି ଭାବେ ଶୋଭାଯାତ୍ରରେ ସାମିଲ ହେବା ପରେ ଅନ୍ୟ କାର୍ଯ୍ୟକ୍ରମକୁ ଚାଲି ଯାଇଥିଲେ।

ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଝରିଗାଁ ବିଧାୟକ ନରସିଂହ ଭତରା, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଏସ୍‌ପି ମିହିର କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ନନ୍ଦାହାଣ୍ଡି ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ମାଝୀ, ନବରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଶରତ ଭତରା, ତେନ୍ତୁଳିଖୁଣ୍ଟି ବ୍ଲକ ଅଧ୍ୟକ୍ଷା ନିଲନ୍ଦ୍ରୀ ମାଝୀ, ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ(ସାଧାରଣ), ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ(ରାଜସ୍ୱ), ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ନବରଙ୍ଗପୁର ପୌର ଅଧ୍ୟକ୍ଷ କୁନୁ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ମଞ୍ଚାସୀନ ଥିଲେ। ନବରଙ୍ଗପୁର ବିଧାୟକ ମାଝୀ କହିଥିଲେ, ଲୋକ କଳା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ଲୋକ ମହୋତ୍ସବ ମଣ୍ଡେଇର ଉଦ୍ଦେଶ୍ୟ । ଡାବୁଗାଁ ବିଧାୟକ ରନ୍ଧାରି କହିଥିଲେ, ମଣ୍ଡେଇ ମହୋତ୍ସବ ପ୍ରଶାସନ, ରାଜନୈତିକ ବ୍ୟକ୍ତିବିଶେଷ ଓ ଜନସାଧାରଣଙ୍କ ପାଇଁ ଏକ ସେତୁ । କଳା ସଂସ୍କୃତି, ପରମ୍ପରା ବିକାଶର ବାର୍ତ୍ତାବହ ହେଉଛି ମଣ୍ଡେଇ । ୨୨ ବର୍ଷ ହେବ ମଣ୍ଡେଇ ଏହି ଜିଲାରେ ହୋଇଆସୁଛି ବୋଲି କହିଥିଲେ । ଝରିଗାଁ ବିଧାୟକ ଭତ୍ରା କହିଥିଲେ, କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ତାଳଦେଇ ମଣ୍ଡେଇ ମାଧ୍ୟମରେ ସଚେତନତା ଓ ବିକାଶର ବାର୍ତ୍ତା ଦିଆଯାଉଛି । ଦଳ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦୃଷ୍ଟି କେବଳ ଜିଲାର ବିକାଶ ପ୍ରତି ରହୁ ବୋଲି ସେ କହିଥିଲା। ଶହୀଦ ମାଟି ଓ ଗାଁ ଅଞ୍ଚଳରେ ମଣ୍ଡେଇର ଶୁଭାରମ୍ଭ ହୋଇଥିବାରୁ ଶହୀଦ ସାଂସ୍କୃତିକ ସ୍ମୃତି କମିଟି ଅଧ୍ୟକ୍ଷ ମୁନା ତ୍ରିପାଠୀ ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ମଞ୍ଚରେ ମଣ୍ଡେଇ ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ମଞ୍ଚରେ ଅତିଥିଙ୍କ ଦ୍ୱାରା ସଂସ୍କୃତି ପରିଷଦ ପକ୍ଷରୁ ଶହୀଦ ପରିବାରର ଦାୟାଦମାନଙ୍କୁ ମେମେଣ୍ଟୋ ଓ ଉପଢୌକନ ପ୍ରଦାନକରି ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଖାଦ୍ୟ, ସ୍ୱାସ୍ଥ୍ୟ, ଶିଶୁ କଲ୍ୟାଣ, କୃଷି ଓ ମତ୍ସ୍ୟ ବିଭାଗର ବିଭିନ୍ନ ଉନ୍ନୟନ ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଥିଲା । ପରେ ବିଭିନ୍ନ ପାରମ୍ପରିକ ନାଚଗୀତ ପରିବେଷଣ ହୋଇଥିଲା । ରୁକୁ ସୁନାଙ୍କ ମେଲୋଡି ସହିତ ଅହୋରାତ୍ର ଆଦିବାସୀ ନାଟ ଅନୁଷ୍ଠିତ ହୋଇଥିଲା । ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ନବରଙ୍ଗପୁର ବିଡିଓ ସୁନୀଲ ଖରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସହଯୋଗ କରିଥିଲେ । ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।


ମନ୍ତ୍ରୀ, ବିଧାୟକ, ଜିଲାପାଳଙ୍କ ସହ ଅନ୍ୟମାନେ ମଶାଲ ନେଇ ସଭାମଞ୍ଚକୁ ଯାଉଛନ୍ତି।


ଲୋକ ମହୋତ୍ସବ ମଣ୍ଡେଇରେ ସ୍ଥାନୀୟ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପ୍ରଥମ ସ୍ଥାନ ଗ୍ରହଣ କଲେ ଉମରକୋଟର ଶାଶ୍ୱତ

## ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରତିଯୋଗିତା

ଉମରକୋଟ,୨୦।୧୧
(ସନ୍ତୋଷ ଶତପଥୀ)

ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରି ଶାଶ୍ୱତ ପଟ୍ଟନାୟକ ନବରଙ୍ଗପୁର ଜିଲା ଉମରକୋଟ ସହର ପାଇଁ ପୁଣି ଗୌରବ ଆଣିଛନ୍ତି। ଶାଶ୍ୱତ ଗତ ବର୍ଷ କୌନ୍ ବନେଗା କରୋଡପତିର ଜୁନିୟର ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ସମଗ୍ର ଓଡ଼ିଶାରେ ଚର୍ଚ୍ଚାକୁ ଆସିଥିଲେ। ଉମରକୋଟ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଶାଶ୍ୱତ ଭୁବନେଶ୍ୱରର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅନ୍ୟ ଜିଲାର ପ୍ରତିଯୋଗୀଙ୍କୁ ପଛରେ ପକାଇ ଚାମ୍ପିୟନ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ଓ ଶିଖା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଂଗ୍ରାମ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରୋଗ୍ରାମ ମ୍ୟାନେଜର କପିଲ ଜୈନ ଓ ବରିଷ୍ଠ ଅଧିକାରୀ ହିମାଂଶୁ ଶେଖର ଶତପଥୀ ଶାଶ୍ୱତଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ତାଙ୍କର ଏହି ସଫଳତା ପରେ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ ଓ ଜିଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଶାଶ୍ୱତ ବକୋଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ଓ ଝରିଗାଁ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଅଧ୍ୟାପିକା ତୁଷାରୀ କୁମାରୀ ପଟ୍ଟନାୟକଙ୍କ ପୁଅ। ରାଇଘର ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ପୁତୁରା ।


ଅତିଥିମାନେ ଶାଶ୍ୱତଙ୍କୁ ପୁରସ୍କୃତ କରୁଛନ୍ତି।

# ଫୁଟ୍‌ବଲରେ ରାଜ୍ୟ କୋଚ ପାଇଁ ସପନ ବୈରାଗୀ ମନୋନୀତ

ଉମରକୋଟ, ୨୦।୧୧ (ସନ୍ତୋଷ ଶତପଥୀ)



ଜାତୀୟସ୍ତର ଫୁଟ୍‌ବଲ ପ୍ରତିଯୋଗିତାର ବାଳକ ବିଭାଗ କୋଚ୍ ପାଇଁ ରାଜ୍ୟ ସରକାର ନବରଙ୍ଗପୁର ଜିଲା ଉମରକୋଟ ସହରର କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ମନୋନୀତ କରିଛନ୍ତି। ୬୮ତମ ଜାତୀୟ ସ୍କୁଲ ଅଣ୍ଡର ୧୭ ବର୍ଷର ବାଳକ ଫୁଟ୍‌ବଲ ପ୍ରତିଯୋଗିତା ଆସନ୍ତା ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଜମ୍ମୁ କଶ୍ମୀରଠାରେ ଅନୁଷ୍ଠିତ ହେବ। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପତ୍ର ସଂଖ୍ୟା ୩୩୬୦୧ ତାରିଖ ୧୯।୧୧।୨୪ ଅନୁସାରେ ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ସପନ ବୈରାଗୀଙ୍କୁ କୋଚ୍ ଭାବେ ମନୋନୀତ ହେଇଥିବା ସୂଚନା ପ୍ରଦାନ କରିଛନ୍ତି। ସପନଙ୍କୁ ୨୧ ତାରିଖ ସୁଦ୍ଧା ସମ୍ବଲପୁର ପିଠାପଲ୍ଲୀ ଫୁଟ୍‌ବଲ ଏକାଡେମୀରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଫୁଟ୍‌ବଲ ଦଳ ଆସନ୍ତା ୨୬ ତାରିଖରେ ଜମ୍ମୁ କଶ୍ମୀର ଯାତ୍ରା କରିବ। ସପନଙ୍କ ନିଯୁକ୍ତି ଖବର ଉମରକୋଟରେ ପହଞ୍ଚିବା ପରେ ଖୁସିର ଲହରି ଖେଳିଯାଇଛି । ସୂଚନାଯୋଗ୍ୟ, ସପନ ଉମରକୋଟ ଅଞ୍ଚଳର ଶତାଧିକ କ୍ରୀଡ଼ାବୀତ୍‌ଙ୍କୁ ରାଜ୍ୟ ଓ ଜାତୀୟସ୍ତରରେ ଖେଳିବା ପାଇଁ ପ୍ରଶିକ୍ଷଣ ଦେଇ ଚର୍ଚ୍ଚାରେ ରହିଛନ୍ତି।

# ରୌପ୍ୟ, କାଂସ୍ୟ ପଦକ ଜିତିଲେ ନବରଙ୍ଗପୁର ଖେଳାଳି

## ସର୍ବ ଭାରତୀୟ ପେଞ୍ଚକ ସିଲାଟ ପ୍ରତିଯୋଗିତା

ନବରଙ୍ଗପୁର,୨୦।୧୧(ସଦାଶିବ ପ୍ରହରାଜ)

୧୨ତମ ଜୁନିୟର ସର୍ବ ଭାରତୀୟସ୍ତରୀୟ ପେଞ୍ଚକ ସିଲାଟ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲାରୁ ୪ଜଣ ଖେଳାଳି ଭାଗନେଇ ୫ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ସୋଇଲେସ ପଟ୍ଟନାୟକ ୨ଟି ରୌପ୍ୟ, ମଣିକାଣ୍ଡା ସୋଇ ୨ଟି ରୌପ୍ୟ, ଶୁଭମ କୁମାର ପୁରୀ ଗୋଟିଏ କାଂସ୍ୟ, ବାପି ବିଶ୍ୱାସ ରୌପ୍ୟ ପଦକ ହାସଲ କରିଛନ୍ତି। ସେମାନଙ୍କ କୋଚ୍ ହିମାଂଶୁ ପଟ୍ଟନାୟକଙ୍କ ଉଚିତ ପ୍ରଶିକ୍ଷଣ ପାଇ ଖେଳାଳିମାନେ ସଫଳତା ହାସଲ କରିଥିଲେ। ପେଞ୍ଚକ ସିଲାଟ ପ୍ରତିଯୋଗିତା ଜମ୍ମୁ କାଶ୍ମୀରର ସେର-ଇ-କାଶ୍ମୀର ଇନଡୋର ଷ୍ଟାଡିୟମ, ଶ୍ରୀନଗରଠାରେ ୧୬ରୁ ୧୮ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନବରଙ୍ଗ ସ୍ପୋର୍ଟସ ଏକାଡେମୀ ଏବଂ ପେଞ୍ଚାକ ସିଲାଟ ଆସୋସିଏଶନର କୋଚ ହରିଶ ବେହେରା ଓ ସଦସ୍ୟମାନେ ଖେଳାଳିଙ୍କ ସଫଳତାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି। ଏହା ସହ ଆଗାମୀ ଦିନରେ ମଧ୍ୟ ଖେଳାଳିମାନେ ଉତ୍ତମ ପ୍ରଦର୍ଶନ କରି ନବରଙ୍ଗପୁର ଜିଲାକୁ ଗର୍ବିତ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।


ପଦକ ସହ ନବରଙ୍ଗପୁର ଜିଲାର ଖେଳାଳି।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ଗଣଶିକ୍ଷା ମନ୍ତ୍ରୀ

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ବାର୍ଷିକୋତ୍ସବ

ଝରିଗାଁ,୨୦।୧୧(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକସ୍ଥିତ କରମରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ନବନିର୍ମିତ ମହାପୁରୁଷ ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଶହୀଦ ଲକ୍ଷ୍ମଣ ନାୟକ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀବାସର ଶୁଭ ଉଦ୍‌ଘାଟନ କରିଥିଲେ । ଝରିଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଗଣ୍ଡ ଅଭିଭାଷଣରେ କହିଥିଲେ, ଏହା କେବଳ ପ୍ରତିମୂର୍ତ୍ତି ନୁହେଁ, ଏମାନଙ୍କ ଜୀବନୀ ଆମ ପାଇଁ ଗୋଟିଏ ଗୋଟିଏ ପ୍ରେରଣା। ଦେଶ ପାଇଁ ମହାପୁରୁଷମାନଙ୍କ ଅବଦାନ ଅତି ଚିରସ୍ମରଣୀୟ ବୋଲି କହିଥିଲେ। ଏହି ଅବସର ସମ୍ମାନିତ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା, ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ରାଇଘର ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ପରୀକ୍ଷିତ ସାହୁ, ପୁରୀ ଉତ୍କଳ ସ୍ୱାଭିମାନ ମଞ୍ଚ ସଭାପତି ରାଧାକାନ୍ତ ଦାଶ , ବାଳିକା ଶିକ୍ଷା ସଂଯୋଜିକ ମମତା ପରିଛା, ଏବିଇଓ ଦଶରଥ ଗଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ସ୍ୱାଇଁ ବୈଠକରେ ବାର୍ଷିକ ବିବରଣୀ ପାଠକରିବା ସହ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ଅନୁପାତରେ ଶିକ୍ଷକଙ୍କ ଆବଶ୍ୟକତା ରହିଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ଜଣାଇଥିଲେ। ମଞ୍ଚରେ ଛାତ୍ରୀ ସ୍ୱୀକୃତି ବାହିନୀପତି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।


କୃତୀ ଛାତ୍ରଙ୍କୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପୁରସ୍କୃତ କରୁଛନ୍ତି।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାପଡ଼ାହାଣ୍ଡି, ୨୦।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ଭାଲୁ ଆକ୍ରମଣରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଗାଦବାକତରା ଗ୍ରାମର ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ତାଙ୍କ ନାମ ପଦ୍ମନ ନାୟକ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ପଦ୍ମନ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଧାନ ବୋହିବା ପାଇଁ ମରଦା ମାଳର (ଲତା ଗଛ ) ଦଉଡ଼ି ଆଣିବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି ।

# ଯୁବ ରେଡ୍‌କ୍ରସ୍ ୟୁନିଟ୍ ଉଦ୍‌ଘାଟନ, ରକ୍ତଦାନ ଶିବିର

କୋରାପୁଟ,୨୦।୧୧
(ଅମିତାଭ ବେହେରା)

ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁବ ରେଡ୍‌କ୍ରସ୍ ୟୁନିଟ୍ ଉଦ୍‌ଘାଟନ ସହ ସୁନାବେଡ଼ା କ୍ୟାମ୍ପସ୍ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ(ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍)ର ବ୍ଲଡ୍ ବ୍ୟାଙ୍କ ସେଣ୍ଟର ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ଉଦ୍‌ଘାଟନ କରିଥିଲେ। ଯୁବ ରେଡ୍‌କ୍ରସ୍ ୟୁନିଟ୍‌ର ଜିଲା ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ ଓ ଅର୍ଥନୀତିର ସହକାରୀ ପ୍ରଫେସର ତଥା ବିଶ୍ୱବିଦ୍ୟାଳୟ ଯୁବ ରେଡ୍‌କ୍ରସ୍ ୟୁନିଟ୍‌ର ନୋଡାଲ ଅଫିସର ଡ. ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ଅଧ୍ୟୁଷିତ ସ୍ୱାସ୍ଥ୍ୟସେବା ସମ୍ବଳ ସୀମିତ ଥିବା ଅଞ୍ଚଳରେ ରକ୍ତଦାନର ମହତ୍ତ୍ୱ ନେଇ ପ୍ରଫେସର ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ଶିବିରରେ ୧୨୩ ଜଣ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ, କର୍ମଚାରୀ, ଗବେଷଣା ବିଦ୍ୟାର୍ଥୀ ଏବଂ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁଣତଃ ଭୋଇ ସୂଚନା ଦେଇଛନ୍ତି। ଶିବିରକୁ ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍ ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ଏମ୍.ଏସ୍. ବଳିଆରସିଂହଙ୍କ ତତ୍ତ୍ୱାବଧାନରେ ଭି.ଗଙ୍ଗାଧର ଓ ରଣଜିତ ସାହୁଙ୍କ ସହ ତାଙ୍କ ଟିମ୍ ରକ୍ତ ସଂଗ୍ରହ କରିଥିଲେ।


ଶିବିରରେ ଉପସ୍ଥିତ ବିଶ୍ୱବିଦ୍ୟାଳୟ ଅଧ୍ୟାପକ,କର୍ମଚାରୀ ଓ ଛାତ୍ରୀଛାତ୍ର।

# ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଜୟପୁର,୨୦।୧୧
(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଲୋକ ସଂସଦର ଉତ୍କଳ କଳା ଓ ସାଂସ୍କୃତିକ ଅଙ୍ଗ ପକ୍ଷରୁ ୩ ବ୍ଲକରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ତପସ୍ୱିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ୱାମୀ ବିବେକନନ୍ଦ ଲୋକ ସଂସଦର ସଭାପତି ଅମୁଲ୍ୟ ରଞ୍ଜନ ମହାପାତ୍ର, କୁନ୍ଦୁରା ବ୍ଲକ୍‌ରେ ବିବେକାନନ୍ଦ ଇଂଲିଶ ମିଡିୟମ ସ୍କୁଲର ସୂର୍ଯ୍ୟନାରାୟଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେହିପରି ବିଜ୍ଞାନ ଇଣ୍ଟର ନ୍ୟାସନାଲ ବିଦ୍ୟାଳୟରେ ପ୍ରଥମରୁ ୫ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ଏବଂ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ୧୦୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସକ୍ରିୟ ସଦସ୍ୟ ମନୋରଞ୍ଜନ ପ୍ରଧାନ ଏବଂ ଡ. ପ୍ରଦୀପ ମିଶ୍ର ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଜାନୁଆରୀ ୧୨ରେ ପୁରସ୍କୃତ କରାଯିବ। ସର୍ବେଶ୍ୱର ପ୍ରଧାନ ପରିଚାଳନା କରିଥିଲେ।

# କେନ୍ଦ୍ରୀୟ ଟିମ୍‌ର ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ, ତଦାରଖ



କେନ୍ଦ୍ରୀୟ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥିତି ଅନୁଧ୍ୟାନ କରୁଛି।

ଜୟପୁର,୨୦।୧୧(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ଗ୍ରାମାଞ୍ଚଳର ପ୍ରାଥମିକ କେନ୍ଦ୍ରକୁ କେନ୍ଦ୍ରୀୟ ଟିମ୍ ପରିଦର୍ଶନ କରି ତଦାରଖ କରିଛନ୍ତି। ଟିମ୍ ୨ ଭାଗରେ ବିଭକ୍ତ ହୋଇ ବିଭିନ୍ନ ଗୋଷ୍ଠୀ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ତଦାରଖ ରିପୋର୍ଟକୁ ଭିତ୍ତି କରି ରାଜ୍ୟ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ଉନ୍ନତୀକରଣ ପାଇଁ କେନ୍ଦ୍ର ସରକାର ପାଣ୍ଠି ପ୍ରଦାନ କରିବେ। କମନ ରିଭ୍ୟୁ ମିସନ(ସିଆରଏମ୍) ନାମକ ଟିମ୍‌ରେ କମିଶନରସ୍ତରୀୟ ୮ ଅଧିକାରୀ ରହିଛନ୍ତି। ମୁଖ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପକମିଶନର ଡା. ଜୟା ଅଲ୍ଲି ରିଜଭି, ଉପଦେଷ୍ଟା ଡା. ଶଶାଙ୍କ କୁମାର, କର୍ଣ୍ଣାଟକ ରାଜ୍ୟ ମଧୁସୂଦନ ସାଇ ମେଡିକାଲ କଲେଜ ତଥା ପ୍ରତିଷ୍ଠାନର ପ୍ରଫେସର ଡା. ଦୀପା ଏଲ.ଏନ ଏବଂ ଆର୍ଥିକ ବିଶ୍ଳେଷଣ ବିଶେଷଜ୍ଞ ସତ୍ୟଜିତ୍ ସାହୁ ଟିମ୍‌ରେ ସାମିଲ ରହିଥିଲେ। ଟିମ୍ ୩ ଘଣ୍ଟା ଯାଏ ଜିଲା ଚିକିତ୍ସାଳୟର ସମସ୍ତ ବିଭାଗ, ଅସ୍ତ୍ରୋପଚାର କକ୍ଷ, ପରିସର ଏବଂ ଅନ୍ୟାନ୍ୟ ଭବନ ପରିଦର୍ଶନ କରିଥିଲେ। ଏଥିରେ କୋରାପୁଟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଡା. ବରଦା ପ୍ରସାଦ ମିଶ୍ର, ଜିଲା ଚିକିତ୍ସାଳୟ ଅଧିକ୍ଷକ ଡା. ରବିନ୍ଦ୍ରନାଥ ମିଶ୍ର, ଅନ୍ୟାନ୍ୟ ବିଭାଗିୟ ଅଧିକାରୀ, କର୍ମଚାରୀ ଏବଂ ଡାକ୍ତର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨ ଟିମ୍‌ରୁ ଗୋଟିଏ ବୁଧବାର ଜିଲାର ସଦରମହକୁମା ଏବଂ ଜୟପୁର ଉପଖଣ୍ଡର ଚିକିତ୍ସାଳୟ ସହ ଅନ୍ୟାନ୍ୟ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିବେ। ପାର୍କିଂସ୍ଥଳରୁ ବେଆଇନ ବାଇକ୍, ଅଟୋ ଏବଂ ଅନ୍ୟାନ୍ୟ ଚାରିଚକିଆ ଯାନ, ଚିକିତ୍ସାଳୟ ସମ୍ମୁଖରେ ଥିବା ନିର୍ମାଣଧିନ ଆଇଟି ପାର୍କ ଏବଂ ଜାତୀୟ ରାଜପଥ ପାଚେରୀକୁ ଲାଗିଥିବା ଅସ୍ଥାୟୀ ଦୋକାନକୁ ମଧ୍ୟ ହଟାଯାଇଥିଲା। ଦ୍ୱିତୀୟ ଦିବସରେ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ଗ୍ରାମାଞ୍ଚଳର ପ୍ରାଥମିକ କେନ୍ଦ୍ର ଗସ୍ତ କରି ତଦାରଖ କରିଥିଲେ।

# ଆନ୍ତଃ କ୍ଲବ୍ କ୍ରିକେଟ ମ୍ୟାଚ ଆରମ୍ଭ

**ନବରଙ୍ଗପୁର,୨୦।୧୧(ସଦାଶିବ ପ୍ରହରାଜ)**



ଅତିଥିଙ୍କ ସହ ଖେଳାଳିମାନେ।

ରାଜ୍ୟସ୍ତରୀୟ କଳାହାଣ୍ଡି କପ୍ ୨୦୨୫-୨୬ ନିମନ୍ତେ ଖେଳାଳି ଚୟନ ପାଇଁ ନବରଙ୍ଗପୁର ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ନବରଙ୍ଗପୁର ଷ୍ଟାଡିୟମଠାରେ ଖେଳାଳି ଚୟନ ନିମନ୍ତେ ଆନ୍ତଃ କ୍ଲବ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି । ଜିଲା କ୍ରିକେଟ ସଂଘ ସମ୍ପାଦକ ଶୁଭେନ୍ଦୁ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାର ବିଭିନ୍ନ କ୍ଲବକୁ ନେଇ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ । ପ୍ରଦର୍ଶନ ଆଧାରରେ ଖେଳାଳିଙ୍କୁ କଳାହାଣ୍ଡି କପ ନିମନ୍ତେ ଚୟନ କରାଯିବ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ତ୍ରିପାଠୀ ସୂଚନା ଦେଇଛନ୍ତି । ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ଉତ୍ସବରେ ଜିଲା କ୍ରିକେଟ ସଂଘ ସଭାପତି ଦେବାଶିଷ ପଟ୍ଟନାୟକ, ଉପସଭାପତି ଶୁଭେନ୍ଦୁ ବେହେରା, ସହ ସମ୍ପାଦକ ଏମ. ବାଲ କ୍ରିଷ୍ଣା, ଜିଲା କ୍ରିକେଟ ସଂଘର ସଦସ୍ୟ ତଥା ଟର୍ଫ ୱିକେଟ କ୍ୟୁରେଟର ଅଶୋକ ନାୟକ, ଜିଲା କ୍ରିକେଟ ଏକାଡେମୀର କୋଚ ଲାଲ ମହମ୍ମଦ ଖାନ, ଜିଲା କ୍ରିକେଟ ସଂଘର ସଦସ୍ୟ ଶଶାଙ୍କ ଶେଖର ବେହେରା ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା କ୍ରିକେଟ ସଂଘର ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଓଡ଼ିଶା କ୍ରିକେଟ ସଂଘର ଏପରି ପ୍ରୟାସକୁ ଜିଲାର ପ୍ରାକ୍ତନ କ୍ରିକେଟ ଖେଳାଳିମାନେ ପ୍ରଶଂସା କରିବା ସହ ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଦ୍ୱାରା ନୂତନ ପ୍ରତିଭା ଅନ୍ୱେଷଣ ହୋଇପାରିବ ବୋଲି ମତ ପୋଷଣ କରିଛନ୍ତି।

# କେନ୍ଦୁପତ୍ର ତୋଳାଳିଙ୍କୁ ମୃତ୍ୟୁକାଳୀନ ସହାୟତା

**ନବରଙ୍ଗପୁର,୨୦।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର କେନ୍ଦୁପତ୍ର ବନଖଣ୍ଡ ପକ୍ଷରୁ କେନ୍ଦୁପତ୍ର ତୋଳାଳିଙ୍କ ପରିବାରଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଛି। କେନ୍ଦୁପତ୍ର ବନଖଣ୍ଡ ଡିଏଫ୍ଓ ଘନଶ୍ୟାମ ମହନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ୩୩ ଜଣ ତୋଳାଳିଙ୍କ ପରିବାରଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୨ଲକ୍ଷ ଟଙ୍କା ଲେଖାଏଁ ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ସେହିଭଳି କେନ୍ଦୁପତ୍ର ତୋଳାଳିଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଓ ଜୀବନ ସୁରକ୍ଷା ବୀମା ପାଇଁ ବାର୍ଷିକ ୪୫୬ ଟଙ୍କା ଜମା କରିବାକୁ ଏମ୍ପି ପରାମର୍ଶ ଦେଇଛନ୍ତି । ଦିନକୁ ମାତ୍ର ଦେଢଟଙ୍କାର ବୀମା ରାଶି । ଏଭଳି କୌଣସି ତୋଳାଳିଙ୍କ ଅକାଳ ବିୟୋଗ ହେଲେ ରାଜ୍ୟ ସରକାରଙ୍କଠାରୁ ୨ଲକ୍ଷ ଟଙ୍କା ସମେତ ବୀମା ରାଶି ବାବଦକୁ ଲକ୍ଷାଧିକ ଟଙ୍କା ସହାୟତା ମିଳିବ । ଏହା ଆଗାମୀ ପିଢ଼ି ପାଇଁ ବଡ ସହାୟତା ହେବ ବୋଲି ଏମ୍ପି ମାଝୀ କହିଛନ୍ତି । ଭାଜପା ସରକାର କେନ୍ଦୁପତ୍ର ତୋଳାଳିଙ୍କ ଭଲାମନ୍ଦରେ ସାଥିରେ ରହିଛନ୍ତି ବୋଲି ବିଧାୟକ ଗୌରୀଶଙ୍କର ମାଝୀ କହିଛନ୍ତି । ଜିଲାର ୭୦ହଜାର କେନ୍ଦୁପତ୍ର ତୋଳାଳିଙ୍କ ବୀମାଭୁକ୍ତ କରିବାକୁ ସଚେତନ କରିବା ସହ ସମସ୍ତଙ୍କୁ ବୀମାଭୁକ୍ତ ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବ ବୋଲି ଡିଏଫ୍ଓ ଘନଶ୍ୟାମ କହିଛନ୍ତି ।

# ଅନ୍ତିମ ପର୍ଯ୍ୟାୟରେ ବ୍ଲକ୍‌ସ୍ତରୀୟ ପରବ ପ୍ରସ୍ତୁତି



ବିଡିଓ ଏବଂ ଅନ୍ୟମାନେ ପରବ ଉଦ୍‌ଯାପନୀ ନେଇ ଦେଓମାଳିରେ ଜାଗା ଚିହ୍ନଟ କରୁଛନ୍ତି।

**ପଟ୍ଟାଙ୍ଗି,୨୦।୧୧(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟସ୍ତରୀୟ ଆଦିବାସୀ ମହୋତ୍ସବ ପରବ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଅତିଥିମାନଙ୍କ ଦ୍ୱାରା ଗୁରୁବାର ଉଦ୍‌ଘାଟନ ହେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଗ୍ରାମ ଦେବୀ ମା' ଗାଙ୍ଗମାଁଙ୍କ ନିକଟରେ ପୂଜାର୍ଚ୍ଚନା ହେବା ପରେ ପରବ ମଶାଲ ଶୋଭାଯାତ୍ରାରେ ବାହାରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଏମ୍ପି ସପ୍ତଗିରି ଶଙ୍କର ଉଲାକା, ବିଧାୟକ ରାମଚନ୍ଦ୍ର କାଡାମ ଓ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗୀଙ୍କ ସହ ଅନ୍ୟ ନିର୍ବାଚିତ ଜନପ୍ରତିନିଧି ଯୋଗଦେଇଥିଲେ। ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନ୍ୟ କର୍ମଚାରୀ ଓ ପରବ କମିଟି ପକ୍ଷରୁ ପ୍ରସ୍ତୁତି ସରିଛି। ଉଦ୍‌ଘାଟନୀ ପରେ ପଞ୍ଚାୟତସ୍ତରରୁ ବିବେଚିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀଙ୍କୁ ନେଇ ବ୍ଲକସ୍ତରରେ ପ୍ରତିଯୋଗିତା ହେବା ନେଇ ସମସ୍ତ ପ୍ରସ୍ତୁତି ହୋଇଛି। କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ନଭେମ୍ବର ୨୨ ଯାଏ ହେବାକୁ ଥିବା ବେଳେ ବ୍ଲକ୍‌ସ୍ତରୀୟ ପରବ ପର୍ଯ୍ୟଟନସ୍ଥଳୀ ଦେଓମାଳିରେ ୨୩ରେ ଦେଓମାଳି ଉତ୍ସବ ନାମରେ ନାମିତ କରି ଉଦ୍‌ଯାପନୀ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।

# ମକା ବୋଝେଇ ଟ୍ରକ୍ ଚୋରି ମାମଲା, ୨ ଗିରଫ

ଜୟପୁର,୨୦।୧୧(ପବନ ପାଣିଗ୍ରାହୀ)– ମକା ବୋଝେଇ ଟ୍ରକ ଚୋରି ମାମଲାରେ ୨ ଜଣଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ରତ୍ନାକର ଗୁଡାର ବଳରାମ ଖୋସଲା(୩୭) ଓ ବୋରିଗୁମ୍ମା ଥାନା ସୋଲାଗୁଡା ଗ୍ରାମର ରଘୁନାଥ ଜାନି(୨୬)। ସଦର ଥାନା ଅନ୍ତର୍ଗତ କଳାସାହାଣ୍ଡି ଗ୍ରାମର ପ୍ରକାଶ ପୂଜାରୀ ନଭେମ୍ବର ୧୮ରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ସୂଚନା ଅନୁଯାୟୀ, ବୈପାରିଗୁଡା ଥାନା ଅନ୍ତର୍ଗତ ମୁଣ୍ଡାଗୁଡାରୁ ପ୍ରକାଶ ମକା ବୋଝେଇ ଟ୍ରକ ଦେଇ ଡ୍ରାଇଭରଙ୍କୁ ପଠାଇଥିଲେ। ଡ୍ରାଇଭର ଅର୍ଜୁନ ଭତ୍ରା ଅଭିଯୁକ୍ତ ବଳରାମଙ୍କୁ ଟ୍ରକ ଚଲାଇବାକୁ କହିଥିଲେ। ଏହାର ସୁଯୋଗ ନେଇ ବଳରାମ ଟ୍ରକ୍ ସହ ଚମ୍ପଟ ମାରିଥିଲେ। ଖୋଜାଖୋଜି ପରେ ମଧ୍ୟ ଟ୍ରକ ପତ୍ତା ମିଳି ନ ଥିବାରୁ ପ୍ରକାଶ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ସହ ମକା ବୋଝେଇ ଟ୍ରକ ଓ ଗୋଟିଏ ବେଲେରୋ ଜବତ କରିଛି।

# ଜି.ଉଦୟଗିରିରେ ଶୀତ ପ୍ରକୋପ ଜାରି

ଜି.ଉଦୟଗିରି,୨୦।୧୧(ଶିଶିର ପଟ୍ଟନାୟକ)–ଜି.ଉଦୟଗିରି ସହରରେ ରବିବାରଠାରୁ ପ୍ରବଳ ଶୀତ ଅନୁଭୂତ ହେଉଛି। ବୁଧବାର ସର୍ବନିମ୍ନ ତାପମାତ୍ରା ୬.୨ ଡିଗ୍ରୀ ରେକର୍ଡ କରାଯାଇଥିବା କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ଜଣାଯାଇଛି। କ୍ରମାଗତ ୪ ଦିନ ହେଲା ଶୀତର ପ୍ରକୋପ ଜାରି ରହିଥିବା ଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ବିଶେଷ କରି ଶ୍ୱାସ ରୋଗୀ ଓ ବୟସ୍କ ବ୍ୟକ୍ତିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


## ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର–୧୪
ଇ–ମେଲ୍: directorateofculture@gmail.com

**No.RR-**୧୮ତମ ପ୍ରବାସୀ ଭାରତୀୟ ଦିବସ (ଆସନ୍ତା ତା.୦୮.୦୧.୨୦୨୫ ରିଖରୁ ତା.୧୦.୦୧.୨୦୨୫ ରିଖ)ର ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଇଚ୍ଛୁକ ଦଳ ଆବେଦନ କରିପାରିବେ । ସମୟର ସ୍ୱଳ୍ପତା ଦୃଷ୍ଟିରୁ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ଯଥା ତା.୨୬.୧୧.୨୦୨୪ ରିଖ ସନ୍ଧ୍ୟା ୫ ଘଟିକା ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ https://culture.odisha.gov.in ପରିଦର୍ଶନ କରିବାକୁ ଅନୁରୋଧ ।

OIPR-03029/11/0019/2425 ସ୍ୱା./– ଉପ–ନିର୍ଦ୍ଦେଶିକା, ଓ.ଭା.ସା.ସଂ.



## ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର

ନଂ. ୪୧୧୦ ତା: ୧୮।୧୧।୨୪

**ଭ୍ରମ ସଂଶୋଧନ**

No. C-1042: ଏତଦ୍ୱାରା ଟେଣ୍ଡର କଲ ନୋଟିସ୍ ନଂ. ୪୦୨୭ ତା୧୩।୧୧।୨୦୨୪ର କ୍ର.ନଂ. ୧ (ବ୍ଲକ ଛକ, ମାର୍କେଟ କମ୍ପ୍ଲେକ୍ସ (ପି.ଡ଼ି. ବାସଗୃହ ପାର୍ଶ୍ୱ), ସୋନପୁର ଉପରମହଲାର ୮ଗୋଟି ଷ୍ଟଲ ବଦଳରେ ୭ଗୋଟି ଷ୍ଟଲକୁ ଟେଣ୍ଡର କରାଯିବ (ଷ୍ଟଲ ନଂ. ୧୬, ୨୦, ୨୧, ୨୫, ୩୦, ୩୧ ଓ ୩୨) ଏବଂ କ୍ର.ନଂ. ୫ରେ ପ୍ରକାଶିତ ହୋଇଥିବା ୩ଗୋଟି ଭେଣ୍ଡିଂ ଜୋନକୁ ଅନିବାର୍ଯ୍ୟ କାରଣବଶତଃ ବାତିଲ କରାଗଲା। ଅନ୍ୟାନ୍ୟ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସ୍ୱା./– ନିର୍ବାହୀ ଅଧିକାରୀ
OIPR-13098/11/0021/2425 ସୁବର୍ଣ୍ଣପୁର ପୌର ପରିଷଦ



## ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର–୧୪
ଇ–ମେଲ୍: directorateofculture@gmail.com

**"୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ–୨୦୨୪"ରେ ଷ୍ଟଲ ସଂରକ୍ଷଣ ନିମନ୍ତେ ସୂଚନା**

No. RR-: ଆସନ୍ତା ତା୦୬।୧୨।୨୦୨୪ରିଖଠାରୁ ତା୧୭।୧୨।୨୦୨୪ରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ୟୁନିଟ୍–୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା **"୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ–୨୦୨୪"** ପାଇଁ ପ୍ରକାଶକ / ବିତରକ / ବିକ୍ରେତା / ଲେଖକ / ପୁରୁଣା ବହି ବିକ୍ରେତା / ସରକାରୀ ସଂସ୍ଥା ଆଦିଙ୍କ ନିକଟରୁ ପୁସ୍ତକ ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ଆବଶ୍ୟକତା ଅନୁଯାୟୀ ଷ୍ଟଲ ସଂରକ୍ଷଣ କରିବା ପାଇଁ ଦରଖାସ୍ତ ଫର୍ମ ଦାଖଲର **ଶେଷ ତାରିଖ ତା୧୫।୧୧।୨୦୨୪ରିଖରୁ ତା୨୨।୧୧।୨୦୨୪ରିଖକୁ** ବୃଦ୍ଧି କରାଗଲା। ଇଚ୍ଛୁକ ପ୍ରକାଶକ/ବିତରକ/ବିକ୍ରେତା/ଲେଖକ/ପୁରୁଣା ବହି ବିକ୍ରେତା/ସରକାରୀ ସଂସ୍ଥାମାନେ ଷ୍ଟଲ ସଂରକ୍ଷଣ ପାଇଁ ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱରଙ୍କୁ ଯୋଗାଯୋଗ କରିପାରିବେ।

ନମୁନା ଦରଖାସ୍ତ ଫର୍ମ, ସର୍ତ୍ତ ଓ ନିୟମାବଳୀ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ୍ **https://culture.odisha.gov.in**କୁ ପରିଦର୍ଶନ କରିବାକୁ ଅନୁରୋଧ।

ସ୍ୱା./– ଉପ–ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
OIPR-03029/11/0018/2425



## OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION

Gajapati, Odisha, Pin-761200
E-mail: dfo.parlakhemundi@odisha.gov.in

**CORRIGENDUM**

**E-Procurement Bid Identification No.DFO-PKD-01/2024-25**

**No.MM-250:** The date has been modified as follows in respect of Tender Call Notice for modification of 07 nos. of construction of buildings in the Tender Notice published vide E-Procurement Bid Identification No.DFO-PKD-01/2024-25 in the same tender process as per the specification given below.

| Availability of Tender | | Date & Time of Opening of the Tender |
|---|---|---|
| From | To | |
| 1 | 2 | 3 |
| 20.11.2024 at 10.00 AM | 05.12.2024 upto 05.30 PM | 06.12.2024 at 11.30 PM |

Further details can be seen from the e-Procurement portal www.tenderodisha.gov.in the Addendum/Corrigendum if any will be hosted in the website only. All other terms and conditions will remain same as published in the above referred tender notice.

Sd./- Divisional Forest Officer
OIPR-08050/11/0002/2425 Paralakhemundi Division



## ZILLA SWASTHYA SAMITI, KEONJHAR
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR

(NPCB KEONJHAR)

**SHORT TENDER CALL NOTICE**

**Advt.No.4882** **Date:18.11.2024**

**No.E-505:** Sealed tender is invited from the registered supplier/firm for supply Ophthalmogical Drugs and Consumable for cataract surgery at DHH and SDHs for the year 2024-25. The interested supplier/ firm having valid GST Regd.No. may be applied. The lists of the items are mentioned below in details. The term & condition of the tender may be downloaded from the website www.kendujhar.odisha.gov.in. The tender should reach to the office of the undersigned by 29.11.2024, 3 P.M. through Speed Post/Regd.Post/ Courier and which will be opened on the same day at 29.11.2024, 5.00 PM at DTU Conference Hall NHM, Keonjhar. This office will not entertain any tender after the due date/time fixed for at any circumstances.

The undersigned reserves the right to reject any or whole tender without assignment any reason thereof.

**Sd./- Chief District Medical & Public Health Officer, Keonjhar**
OIPR-10033/11/0018/2425



## ROURKELA SMART CITY LIMITED

ROURKELA SMART CITY LTD.

**Bid ID No.RSCL/1703/2024, Dt.18.11.2024**

**No.C-1038:** Rourkela Smart City Limited is hereby inviting quotations for allotment of various shops at different locations (Panposh Market, Koelnagar Market, Basanti Food Court and DAV Pond) on license basis. The bidders are requested to offer their quoted price in the closed envelope addressed to CEO, Rourkela Smart City Limited, Uditnagar, Rourkela. The location of the shop premises, base price shop wise, the deposit amount and monthly license fees are mentioned below.

**Panposh Market**

| (Sl. No.) | (Shop No.) | (Floors) | (Dimension) | (Area in Sqft.) | (Base Price) | (Security Deposit) | (Monthly License Fees) |
|---|---|---|---|---|---|---|---|
| 1 | 167 | Second Floor | 15'11"x8'1" | 129 | 8,38,500 | 83850 | Rs.7/- Per Sqft. |
| 2 | 178 | Second Floor | 15'9"x9'6" | 149 | 9,68,500 | 96850 | Rs.7/- Per Sqft. |
| 3 | 185 | Second Floor | 15'3"x13'4½" | 204 | 13,26,000 | 132600 | Rs.7/- Per Sqft. |
| 4 | 197 | Second Floor | 15'10"x9'6" | 151 | 9,81,500 | 98150 | Rs.7/- Per Sqft. |
| 5 | 198 | Second Floor | 15'9½"x9'6½" | 151 | 9,81,500 | 98150 | Rs.7/- Per Sqft. |
| 6 | 201 | Second Floor | 15'10"x9'6" | 150 | 9,75,000 | 97500 | Rs.7/- Per Sqft. |

**Koel Nagar Market**

| (Sl. No.) | (Shop No.) | (Approx Area in Sqft.) | (Floors) | (Base Price) In Rs. | (Security Deposit) In Rs. | (Monthly License Fees) |
|---|---|---|---|---|---|---|
| 1 | RSCL-21 | 194 | First Floor | 12,61,000 | 126100 | Rs.10/- Per Sqft. |
| 2 | RSCL-22 | 194 | First Floor | 12,61,000 | 126100 | Rs.10/- Per Sqft. |
| 3 | RSCL-23 | 194 | First Floor | 12,61,000 | 126100 | Rs.10/- Per Sqft. |
| 4 | RSCL-24 | 194 | First Floor | 12,61,000 | 126100 | Rs.10/- Per Sqft. |
| 5 | RSCL-26 | 194 | First Floor | 12,61,000 | 126100 | Rs.10/- Per Sqft. |
| 6 | RSCL-27 | 194 | First Floor | 12,61,000 | 126100 | Rs.10/- Per Sqft. |

| Basanti Food Court | | | | | | |
|---|---|---|---|---|---|---|
| (Sl. No.) | (Shop No.) | (Approx Area in Sqft.) | (Floors) | (Base Price) In Rs. | (Security Deposit) In Rs. | (Monthly License Fees) |
| 1 | 28 | 84 | Ground Floor | 6,30,000 | 63,000 | Rs.7/- Per Sqft. |
| DAV Pond | | | | | | |
| 1 | 05 | 196 | Ground Floor | 9,00,000 | 90,000 | Rs.7/- Per Sqft. |

**Terms & Conditions:-**

1. Interested bidders shall send their own quoted value (over and above the stipulated amount) in the attached prescribed format in a sealed envelope addressed to CEO, Rourkela Smart City Limited, Uditnagar, Rourkela, Pin-769012 through Speed Post / Registered Post/ Drop box at RSCL office. The application forms must reach in Rourkela Smart City Office on or before 29.11.2024 at 5:00 PM. Rourkela Smart City Authority shall not be responsible for any delay in receipt of application.
2. The applicants are requested to clearly mention the "Shop No.------------------ at ------------- on the envelope otherwise the application shall be rejected. Application not received in the specific format shall be rejected.
3. 10% of the base price towards Security Deposit should be drawn in the name of Rourkela Smart City Limited from any nationalized/ scheduled commercial bank in form of Demand Draft (DD)/Banker's Cheque. The application form not accompanied by Banker's cheque / Demand Draft (DD) shall not be entertained. Applicant must attach his/her photo ID (Aadhaar Card/Voter Card) and two Passport size Photo along with the application Form.
4. All the applications received in the closed envelope shall be opened on 30.11.2024 at 11:00 AM in front of the applicants/their authorized representatives in RSCL office. The shop shall be allotted to the highest bidder (H1 bidder) .The successful bidder must pay the full amount including the remaining quoted cost (net of security deposit) within a period of 7 days in the form of Demand Draft (DD)/bankers cheque issued from any nationalized/ scheduled commercial bank. In case of failure on the part of the highest bidder, allotment will be made in favour of the 2nd highest bidder at the highest bid price (H1 value). The security deposit of the H1 bidder /original first bidder will be forfeited.
5. The security deposit of the unsuccessful applicants shall be refunded after the completion of the allotment process.
6. The allottee shall bear the cost of electricity connection and monthly charges of the shop and he/she shall not alter the structure or carry out any renovation of the allotted shops without prior permission from concerned Authority.
7. The monthly license fee will be fixed by the Rourkela Smart City Limited based on the market rate from time to time which will have to be paid by the shopkeepers.
8. Shopkeepers must obtain a valid trade license/ Food license from the appropriate authority before operating the shop.
9. The decision of Rourkela Smart City Authority in the said allotment process is final. Rourkela Smart City Authority may cancel any application or entire allotment process at any point of time without assigning any reason thereof.
10. Any professional can participate in the bidding process for office space. For this, they have to submit documents in support of their professional qualification and practice certificate along with the bidding document.
11. For any other information or clarification regarding this advertisement, **Mr. Sarthak Sourav Rath, Architect, Rourkela Smart City Limited** can be contacted on **Mob No-8984353513** on all working days between 10.00 AM to 5.00 PM.

**Sd./- (Ashutosh Kulkarni, I.A.S.)**
**Chief Executive Officer**
**OIPR-13080/11/0010/2425** **Rourkela Smart City Ltd.**



## NOTIFIED AREA COUNCIL, BINIKA

Dist.: Subarnapur, Odisha - 767019
Email ID: nacbinka@gmail.com, Phone/Fax: 06654-241113

ପତ୍ର ସଂଖ୍ୟା: ୨୨୩୫ **ବିଜ୍ଞାପନ** ତାରିଖ: ୧୩।୧୧।୨୦୨୪

No. C-1033: ପୂର୍ବରୁ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ODF+ ସହରଭାବେ ଘୋଷଣା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏ ନେଇ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ମଧ ମିଳିଥିଲା। ବର୍ତ୍ତମାନ ବିନିକା ସହରକୁ ବାହ୍ୟ ମଳମୁକ୍ତ ତ୍ୟାଗ ସହରରେ ପରିଣତ କରିବା ଦିଗରେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୁଣି ଥରେ ODF+ ସହର ଭାବେ ଘୋଷଣା କରିବାକୁ ଯାଉଅଛି। ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ କ୍ଷେତ୍ରସ୍ତରୀୟ ଅଧିକାରୀ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଇବା ପରେ ତଥା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନିର୍ମାଣ ପରେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପୁଣିଥରେ ODF+ ସହର ଭାବେ ଘୋଷଣା କରିବାକୁ ଯାଉଅଛି। ଏ ନେଇ କେନ୍ଦ୍ର ସରକାରଙ୍କ ନିୟମକୁ ଅନୁସରଣ କରି ବର୍ତ୍ତମାନ ସହରରେ ବିଭିନ୍ନ ସ୍ଥାନରେ ଶୌଚାଳୟ କରାଯାଇ ISOର ମାନ୍ୟତା ମଧ ପାଇଛି। ଆଗକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବା ପାଇଁ ଦିଆଯିବ ନାହିଁ। ଯଦି କୌଣସି ବ୍ୟକ୍ତି ଖୋଲାରେ ମଳତ୍ୟାଗ କରିବାର ଦେଖାଯାଏ ତାଙ୍କଠାରୁ ଟ୧୦୦/–ଙ୍କା (ଏକଶତ ଟଙ୍କା) ଓ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦର ଡ୍ରେନ୍ ମଧ୍ୟକୁ କିମ୍ବା ଖୋଲା ସ୍ଥାନରେ ଛାଡ଼ନ୍ତି ତେବେ ତାଙ୍କଠାରୁ ଟ୫୦୦/–ଙ୍କା (ପାଞ୍ଚଶତ ଟଙ୍କା) ଜରିମାନା ଆଦାୟ କରାଯିବ। ସରକାରଙ୍କ ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି/ପ୍ରସ୍ତାବ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଲିଖିତ ଭାବେ ଜଣାଇପାରିବେ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ

## NOTIFIED AREA COUNCIL, BINIKA

Dist.: Subarnapur, Odisha - 767019
Email ID: nacbinka@gmail.com,
Phone/Fax: 06654-241113

ପତ୍ର ସଂଖ୍ୟା: ୨୨୩୪ ତାରିଖ: ୧୩।୧୧।୨୦୨୪

**ବିଜ୍ଞାପନ**

ଏତଦ୍ୱାରା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାହାରେ ମଳତ୍ୟାଗ ନ କରି ନିଜ ନିଜ ପାଇଖାନା ବ୍ୟବହାର କରନ୍ତୁ। ଯଦି କୌଣସି ବ୍ୟକ୍ତି ବାହାରେ ମଳତ୍ୟାଗ ଓ ପରିସ୍ରା କରୁଥିବା ନଜରକୁ ଆସେ, ତେବେ ଆଇନ ଅନୁଯାୟୀ ମଳତ୍ୟାଗ ପାଇଁ ଟ.୧୦୦/–ଙ୍କା (ଏକଶତ ଟଙ୍କା) ଓ ପରିସ୍ରା ପାଇଁ ଟ୫୦/–ଙ୍କା (ପଚାଶ ଟଙ୍କା) ଜରିମାନା ଆଦାୟ କରିବା ସହିତ ତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13198/11/0006/2425 ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ



See Career Appointment on every Wednesday & Saturday



## OFFICE OF THE SUPERINTENDING ENGINEER (MECH.) PORTS & INLAND WATER TRANSPORT, MECHANICAL DIVISION, C.D.A., SECTOR-6, CUTTACK-14, Phone : 0671-2504177

E-mail - portsniwtm@gmail.com

**NOTIFICATION FOR GRANT OF CERTIFICATE OF COMPETENCY TO MASTERS & SERANG - 2025**

**No.JJ-28:** The examination conducted by the Office of the Superintending Engineer (Mech.), Ports & IWT Mechanical Division, CDA, Sector-6, Cuttack-14, Odisha for grant of Certificate of Competency to 1st Class Master, 2nd Class Master and Serang for the year 2025 will be held on as per the following Programme.

A. PROGRAMME (Except Sundays & Govt. Holidays)

1. 09-12-2024 to 12-12-2024 : Issue of Forms for 1st Class Master, 2nd Class Master and Serang
2. 23-12-2024 : Last date for submission of Forms for 1st Class Master, 2nd Class Master and Serang
3. 24-12-2024 to 18-01-2025 : Scrutiny of Application Forms.
4. 11-02-2025 (10.00AM to 1.00PM) (2.00PM to 5.00PM) : Written test for 1st Class Master and 2nd Class Master & Oral test for Serang
5. 12-02-2025 (10.00AM to 1.00PM) (2.00PM to 5.00PM) : Oral test for Serang, 1st Class Master and 2nd Class Master
6. 13-02-2025 (10.00AM to 1.00PM) (2.00PM to 5.00PM) : Oral test for Serang, 1st Class Master and 2nd Class Master

Candidates can visit through our website http://portsniwt.odisha.gov.in/ or Office of the Superintending Engineer (Mech.), Ports & IWT Mechanical Division, CDA. Sector-6, Cuttack-14, Odisha for detailed notification about eligibility criteria, required documents, fees & syllabus.

**Sd./- Superintending Engineer (Mech.)**
**Ports & IWT, Mechanical Division**
**CDA, Sector-6, Cuttack-14**

## OFFICE OF THE SUPERINTENDING ENGINEER (MECH.) PORTS & INLAND WATER TRANSPORT, MECHANICAL DIVISION, C.D.A., SECTOR-6, CUTTACK-14, Phone : 0671-2504177

E-mail - portsniwtm@gmail.com

**NOTIFICATION FOR GRANT OF CERTIFICATE OF COMPETENCY TO INLAND ENGINEERS AND ENGINE DRIVERS - 2025**

The examination conducted by the Office of the Superintending Engineer (Mech.), Mechanical Division, IWT, CDA, Sector-6, Cuttack-14, Odisha, for grant of Certificate of competency to Inland Engineers and Engine Drivers for the year 2025 will be held on as per the following Programme.

PROGRAMME (Except Sundays Govt. Holidays)

6. 09-12-2024 to 12-12-2024 : Issue of Forms for Inland Engineer, 1st Class Driver and 2nd Class Driver
7. 23-12-2024 : Last date for submission of Forms for Inland Engineer, 1st Class Driver and 2nd Class Driver
8. 24-12-2024 to 18-01-2025 : Scrutiny of Application Forms.
9. 17-02-2025 (10.00AM to 1.00 PM) (2.00PM to 5.00 PM) : Written Examination for Inland Engineers and 1st Class Engine Drivers
10. 18-02-2025 to 21-02-2025 (10.00 AM to 1.00 PM) (2.00 PM to 5.00 PM) : Oral Examination of 1st Class Drivers 2nd Class Drivers and Inland Engineers

Candidates can visit through our website http://portsniwt.odisha.gov.in/ or Office of the Superintending Engineer (Mech.), Ports & IWT Mechanical Division, CDA, Sector-6, Cuttack-14, Odisha for detailed notification about eligibility criteria, required documents, fees & syllabus.

**Sd./- Superintending Engineer (Mech.)**
**Ports & IWT, Mechanical Division**
OIPR-38042/11/0003/2425 **CDA, Sector-6, Cuttack-14**

## ବଣ୍ଡାଘାଟି ମହିଳା ପାଇନାହାନ୍ତି ସୁଭଦ୍ରା ଯୋଜନା ଟଙ୍କା

ମାଲକାନଗିରି, ୨୦।୧୧(ଦୁର୍ଯ୍ୟୋଧନ ପାତ୍ର)–ରାଜ୍ୟରେ ସୁଭଦ୍ରା ଯୋଜନା ଆରମ୍ଭ ହୋଇଛି। ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ବଣ୍ଡାଘାଟି ଅଞ୍ଚଳର ଜନଜାତି ମହିଳା ଆବେଦନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଆସି ନ ଥିବା ଅଭିଯୋଗ ହୋଇଛି। ବଣ୍ଡାଘାଟି ଅଞ୍ଚଳରେ ଯେତେବେଳେ ସୁଭଦ୍ରା ଯୋଜନା ରଥ ପହଞ୍ଚିଥିଲା ସେହି ସମୟରେ ବଣ୍ଡା ଜନଜାତିମାନେ ଏହି ରଥକୁ ସ୍ୱାଗତ ସହ ଏଥି ନିମନ୍ତେ ଆବେଦନ କରିଥିଲେ। ତେବେ ଏହି ମହିଳାମାନଙ୍କ ମଧ୍ୟରୁ ଅନେକଙ୍କ ଆଧାର କାର୍ଡରେ ଭୁଲ୍ ଥିବା ଜଣାଯାଇଛି। ଅଣ୍ଡ୍ରାହାଲ ଓ ମୁଦୁଲିପଡ଼ା ପଞ୍ଚାୟତର ୧୫୨୨ମହିଳା ଏହି ଯୋଜନାରେ ଆବେଦନ କରିଛନ୍ତି। ସେଥିମଧ୍ୟରୁ ମୁଦୁଲିପଡ଼ା ପଞ୍ଚାୟତର ୭୪୮ ଓ ଅଣ୍ଡ୍ରାହାଲ ପଞ୍ଚାୟତର ୭୭୪ ମହିଳା ରହିଛନ୍ତି। ମୁଦୁଲିପଡ଼ା ପଞ୍ଚାୟତର ୨୮୧ ଓ ଅଣ୍ଡ୍ରାହାଲ ପଞ୍ଚାୟତର ୨୩୪ ମହିଳାଙ୍କୁ ଟଙ୍କା ମିଳିଛି। କିନ୍ତୁ ମୁଦୁଲିପଡ଼ା ପଞ୍ଚାୟତର ୫୪୦ ଓ ଅଣ୍ଡ୍ରାହାଲ ପଞ୍ଚାୟତର ୪୬୭ ମହିଳା ଅଦ୍ୟାବଧି ଟଙ୍କା ପାଇନାହାନ୍ତି।

# ଜିଲାସ୍ତରୀୟ ସମବାୟ ମହୋତ୍ସବ



ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମିଙ୍କ ସହ ଅନ୍ୟମାନେ ।

ମାଲକାନଗିରି, ୨୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଂସ୍କୃତି ଭବନ ପରିସରରେ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ସମବାୟ ବିଭାଗ ତରଫରୁ ଜିଲାସ୍ତରୀୟ ସମବାୟ ମହୋତ୍ସବ ସହକାରୀ ନିବନ୍ଧକ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଜୟପୁର ନିର୍ଦ୍ଦେଶକ ଗୋପୀ ପାଙ୍ଗୀ, ନିର୍ଦ୍ଦେଶକ ଉଦୟ ମାଦ୍ରି, ନିର୍ଦ୍ଦେଶକ ନୃସିଂହ ଚରଣ ମହାନ୍ତି, ମୁଖ୍ୟବକ୍ତା କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ରମାକାନ୍ତ ରାଉଳ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ଯୋଗଦେଇଥିଲେ। ଚାଷୀମାନଙ୍କ ପାଇଁ ସମବାୟ ବ୍ୟାଙ୍କ ମାଧ୍ୟମରେ ସାର, ବିହନ, କୀଟନାଶକ ଓ ଅର୍ଥ ଆଦି କିପରି ସହାୟତା ଯୋଗାଇ ଦିଆଯାଉଛି, ବିଭିନ୍ନ ନିୟମାବଳୀ, ଚାଷୀଙ୍କ ଉନ୍ନତମାନର କୃଷି ଉତ୍ପାଦନ ବୃଦ୍ଧି ଆଦି ବିଷୟରେ ଅତିଥିମାନେ କହିଥିଲେ। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କାଲିମେଲା ଲ୍ୟାମ୍ପସ୍‌କୁ ଶ୍ରେଷ୍ଠ ଭାବେ ପୁରସ୍କୃତ କରାଯାଇଥିବା ବେଳେ ଶ୍ରେଷ୍ଠ ବ୍ରାଞ୍ଚ ମ୍ୟାନେଜର ଭାବେ ମାଥିଲି ବ୍ୟାଙ୍କ ମ୍ୟାନେଜର ମନୋଜ ମଣ୍ଡଳ, ଶ୍ରେଷ୍ଠ ପରିଚାଳନା ନିର୍ଦ୍ଦେଶକ କୁଡୁମୁଲୁଗୁମା ଲ୍ୟାମ୍ପସ୍‌ର ରମେଶ ଚନ୍ଦ୍ର ରାଉତ, ଶ୍ରେଷ୍ଠ ବ୍ରାଞ୍ଚ ଇନ୍‌ଚାର୍ଜ ବବୁଲ କୁମାର ପାତ୍ର ଓ ଶ୍ରେଷ୍ଠ ଡାଟା ଏଣ୍ଟ୍ରି ଅପରେଟର ଭାବେ ଜୟରାମ ହନ୍ତାଳଙ୍କୁ ଉପଢୌକନ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ନିର୍ଦ୍ଦେଶକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବକାରୀ ବିଭାଗ ଦ୍ୱାରା ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି, ୨୦।୧୧ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲା ଅବକାରୀ ବିଭାଗ ତରଫରୁ ମାଥିଲି ଥାନା ଅନ୍ତର୍ଗତ ମାଡକାପଦର ପଞ୍ଚାୟତ ଶୁକ୍ରିପୁଟ ଗ୍ରାମ ନିକଟ ଜଙ୍ଗଲରେ ବୁଧବାର ଚଢ଼ାଉ କରାଯାଇ ପ୍ରାୟ ୨୪ ଏକର ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି। ପ୍ରାୟ ୩୬ହଜାର ଗଛ ନଷ୍ଟ କରାଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩ କୋଟି ୬୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ମାଥିଲି ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଚାଷ ହୋଇଥିବା ଜମିକୁ ଯାଞ୍ଚ କରାଯାଇ ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗକୁ ଅନୁରୋଧ କରାଯାଇଛି। ରିପୋର୍ଟ ମିଳିବା ପରେ ଚାଷୀଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଚଢ଼ାଉରେ ଅବକାରୀ ଉପ ଅଧୀକ୍ଷକ ଟଙ୍କଧର ଭୋଇ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ସବ୍ ଇନ୍ସପେକ୍ଟର ଅଶେଷ କୁମାର ନାୟକ, ଅମିୟ କୁମାର ଖଞ୍ଜା, ଦୀପକ କୁମାର ସାମଲ, ରମେଶ ଚନ୍ଦ୍ର ସାହୁକାର, ହେମନ୍ତ ବାଘ, ଏଏସ୍‌ଆଇ ରାମଚନ୍ଦ୍ର ହନ୍ତାଳ, ସୁରେନ୍ଦ୍ର ମାଝୀ ଓ ଜେମସ ମାଲଖମ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଗଞ୍ଜେଇ ଗଛକୁ କାଟି ନଷ୍ଟ କରାଯାଉଛି।

## ନିଆରା ଢଙ୍ଗରେ ଆଦିବାସୀ ପାଳିଲେ ମା' ମାଉଲି ପୂଜା

ଚିତ୍ରକୋଣ୍ଡା, ୨୦।୧୧ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଜନଜାତି ସମ୍ପ୍ରଦାୟ ବର୍ଷର ବିଭିନ୍ନ ସମୟରେ ପର୍ବପର୍ବାଣି ସହ ଦେବଦେବୀଙ୍କୁ ପୂଜା କରିଥାନ୍ତି। ନିଜ



ଗ୍ରାମ ନିକଟ ଇଷ୍ଟଦେବୀ ପୂଜାକୁ ମାର୍ଗଶିର ମାସ ପ୍ରଥମ ମଙ୍ଗଳବାର ପାଳନ କରୁଥିବା ଦେଖିବାକୁ ମିଳିଛି। ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳ ପଣସପୁଟ ପଞ୍ଚାୟତ ମୁକୁଡିପାଲ୍ଲୀ ଗ୍ରାମରେ ମାଉଲି ପୂଜା ପାଳନ କରିଛନ୍ତି। ଗ୍ରାମବାସୀ ଗତ ରାତିରୁ ଅନିଦ୍ରା ରହି ମନ୍ଦିରରେ ଏକତ୍ରିତ ହେବା ସହ ନିକଟସ୍ଥ ନଦୀରେ ସ୍ନାନକରି ମହିଳା ମାନେ ପୂର୍ଣ୍ଣକୁମ୍ଭ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ପରେ ଗ୍ରାମର ପୂଜାରୀ ନୀତିରୀତି ଅନୁସାରେ ପୂଜାକାର୍ଯ୍ୟ ଆରମ୍ଭ କରିଥିଲେ। ଏହି ପୂଜାରେ ମା'ଙ୍କ ନିକଟରେ ଆଦିବାସୀମାନଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଏବଂ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଓ ନୂଆ ଚାଉଳ ଖେଚୁଡ଼ି ଭୋଗ ପୂଜା ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମ ମୁଖିଆ ତ୍ରିନାଥ ଖିଲ, ପଣସପୁଟ ସରପଞ୍ଚ ଅର୍ଜୁନ ହନ୍ତାଳଙ୍କ ସହ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ।

## ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନେଇ କଲେଜ ଛାତ୍ରୀଛାତ୍ରଙ୍କୁ ସଚେତନ




ସଚେତନତା କାର୍ଯ୍ୟକ୍ରମରେ ସାମିଲ କଲେଜ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ପଡିଆ, ୨୦।୧୧ (ଭାସ୍କର ରାଓ)

ପଡିଆ ମହାବିଦ୍ୟାଳୟରେ ଶ୍ରମଜୀବି ସଂଗଠନ ଓ ମହିଳା ଶ୍ରମଜୀବି ସଂଗଠନ ତରଫରୁ ଛାତ୍ରୀଛାତ୍ରଙ୍କୁ ନେଇ ସାମାଜିକ ଗଣମାଧ୍ୟମର ଉପକାରିତା ଓ ସଦ୍‌ବ୍ୟବହାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଛାତ୍ରୀଛାତ୍ର ମୋବାଇଲ ମାଧ୍ୟମରେ କିପରି ନିଜ ନିଜର ଟ୍ୱିଟର, ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ ଆକାଉଣ୍ଟ ଖୋଲି ଫଟୋ ଉତ୍ତୋଳନ ଓ ଭିଡିଓକରି ଗ୍ରାମାଞ୍ଚଳ ଓ ଆଖପାଖ ଅଞ୍ଚଳରେ ହେଉଥିବା ବିଭିନ୍ନ ସମସ୍ୟାଗୁଡିକ ଅତିଶୀଘ୍ର କମ୍ ସମୟରେ ବିଭାଗୀୟ ଅଧିକାରୀ, ପଞ୍ଚାୟତସ୍ତରୀୟ ପ୍ରତିନିଧିଙ୍କଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ପଠାଇ ପାରିବେ ସେ ବିଷୟରେ ବୁଝାଯାଇଥିଲା। ସମସ୍ୟା ଯେପରି ତୁରନ୍ତ ସମାଧାନ ହୋଇପାରିବ ସେ ବିଷୟରେ ସଂଗଠନ କର୍ମୀ ଜିତେନ୍ଦ୍ର ଖିଲ, ଚିତ୍ତରଞ୍ଜନ ସାହୁ, ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ଅଧ୍ୟାପକ ପବିତ୍ର ମୋହନ ନାୟକ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ପଡିଆ ସଂଗଠନ କର୍ମୀ ଶ୍ରୀନୁ ସେଲବମ, ଅନିତା ପୁନେମ ଓ ସୋମନାଥ ମାଡକାମି ପରିଚାଳନା କରିଥିଲେ।

## ୫ ଏକର ଗଞ୍ଜେଇ ଗଛ କାଟିଲା ପୋଲିସ

କୋରୁକୋଣ୍ଡା, ୨୦।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା ଅଧିନ ବିଭିନ୍ନ ଅଞ୍ଚଳରେ ଚାଷ ହୋଇଥିବା ଗଞ୍ଜେଇ ଅମଳ ହେବା ପୂର୍ବରୁ ତତ୍ପରତା ଦେଖାଇଛି ପୋଲିସ। ବୁଧବାର ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏଏସ୍‌ଆଇ ବିଜୟ କୁମାର ବେନିଆ ଓ ଏଏସ୍‌ଆଇ ସୁରେଶ ଚନ୍ଦ୍ର ବିସି ମାଝିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ କୁଡୁମୁଲୁଗୁମ୍ମା ପଞ୍ଚାୟତ ମଜୁରଲେଣ୍ଡି ପାହାଡ଼ରେ ପହଞ୍ଚି ସେଠାରେ ୫ଏକର ଅଞ୍ଚଳରେ ଚାଷ ହୋଇଥିବା ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ କାଟି ଖଇରପୁଟ ତହସିଲଦାର ଏମ୍. ପ୍ରମୋଦ କୁମାର ବେହେରାଙ୍କ ଉପସ୍ଥିତରେ ପୋଡି ଦିଆଯାଇଛି। ଏ ନେଇ ପୋଲିସ



ପକ୍ଷରୁ ନଂ.୩୬୫/୨୪ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର, ୨୦।୧୧ (ପବନ ପାଣିଗ୍ରାହୀ)– ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଦିରିବିଗୁଡାର କେଶବ ଗୌଡ। ଗ୍ରାମ ରାସ୍ତାରେ ଚଢ଼ାଉକରି ୩୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କ୍ରୀଡାବିତ୍‌ଙ୍କ ପରଲୋକ

ଜୟପୁର, ୨୦।୧୧ (ପବନ ପାଣିଗ୍ରାହୀ)– ଜୟପୁର ସହରର ବରିଷ୍ଠ କ୍ରୀଡ଼ାବିତ୍ ତଥା କଳାକାର ଉପେନ୍ଦ୍ର ମହାରଣା (୬୮)ଙ୍କର ହୃଦଘାତରେ ବୁଧବାର ପରଲୋକ ହୋଇଛି। ସେ ରାଜ୍ୟ ,ଆନ୍ତଃଜାତୀୟ ଆଥଲେଟିକ୍ସରେ ଚାମ୍ପିୟାନ ହୋଇଥିବା ବେଳେ ଭଲିବଲରେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ କଳାକାର ଭାବେ ଆକାଶବାଣୀରେ ବେଶ୍ ପରିଚିତ ଥିଲେ। କ୍ରୀଡ଼ାପ୍ରେମୀମାନେ ଜୟପୁର ନିକଟସ୍ଥ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଜିଲା ଆଥ୍‌ଲେଟିକ୍ ସମ୍ପାଦକ ରବିନାୟକ,ରାଜ୍ୟ ଅଲମ୍ପିକ ସଂଘ ଉପସଭାପତି ଅନୁପ ପାତ୍ର,ବାଲାରାୟ, ଭବାନୀ ପଣ୍ଡା ଓ କୋଟେଶ୍ୱର ରାଓ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି।

## ବିଜ୍ଞାପିତ ଅଞ୍ଚଳ ବେଆଇନ ଜମିରେ ବୁଲିଲା ବୁଲଡୋଜର

କୋଟପାଡ଼, ୨୦।୧୧ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ବିଜ୍ଞାପିତ ପରିଷଦ ଅଞ୍ଚଳ ୩ ସ୍ଥାନର ସରକାରୀ ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ବାସଗୃହ ଓ ଜାତୀୟ ରାଜପଥ ପାର୍ଶ୍ୱର ଢ଼ାବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବୁଲଡୋଜର ବୁଲାଇ ଭଙ୍ଗାଯାଇଛି। ସରକାରୀ ଜାଗାଗୁଡିକୁ ବେଆଇନ ଅକ୍ତିଆର ଓ ବସ୍ତି ସ୍ଥାପନା କରି ଲୋକେ ଦୀର୍ଘ ବର୍ଷ ହେବ ରହିଆସୁଛନ୍ତି। ସହରାଞ୍ଚଳର ଅନେକ ସ୍ଥାନରେ ସରକାରୀ ଜାଗାଗୁଡ଼ିକରେ ବଡ଼ ବଡ଼ କୋଠା ନିର୍ମାଣ ହୋଇଛି। ବର୍ତ୍ତମାନ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଅକ୍ତିଆର କରିଥିବା ସରକାରୀ ଜାଗାଗୁଡିକ ଖାଲି କରିବାକୁ ରାଜ୍ୟର ସମସ୍ତ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରଠାରୁ ୧ କି.ମି. ଦୂର ବ୍ରାମଣ ଦେବୀ ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ବେଆଇନ ଢାବାକୁ ସ୍ଥାନୀୟ ତହସିଲଦାର, ବିଡିଓ ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା



ବୁଲଡୋଜର ଦ୍ୱାରା ବେଆଇନ ଗୃହ ଓ ଢ଼ାବା ଭଙ୍ଗାଯାଉଛି।

କୁନ୍ଦୁରା ତହସିଲଦାର ଏବଂ ପୋଲିସ ପ୍ରଶାସନର ଉପସ୍ଥିତିରେ ଭଙ୍ଗାଯାଇଛି। ଉକ୍ତ ଢ଼ାବାରେ ଅସାମାଜିକ କାର୍ଯ୍ୟ ଚାଲୁଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ ବହୁଥର ଚଢ଼ାଉ କରାଯାଇଥିଲା। ଢ଼ାବା ମାଲିକ ୩ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜାଗା ଅକ୍ତିଆର କରିଥିବା ଜଣାପଡ଼ିଛି। ବସୁଗୁଡା ନିକଟରେ ଏକ ଡ଼ାଏରୀ ଫାର୍ମ ଏବଂ ଠିକାଦାରଙ୍କ ଜିନିଷପତ୍ର ରଖିବା ଗୃହ, ବେଆଇନ ଗୃହ ନିର୍ମାଣ କରୁଥିବା କାର୍ଯ୍ୟ ବନ୍ଦ କରିବା ସହ ତହସିଲ ପକ୍ଷରୁ ଫାଇନ୍ ମଧ୍ୟ କଟାଯାଇଛି। କୋଟପାଡ଼ ଉପକାରାଗାର ଅଞ୍ଚଳରେ ନିର୍ମାଣ ହେଉଥିବା ଗୃହଗୁଡିକରେ ବୁଲଡୋଜର ବୁଲିଛି। ଏ ସମୟରେ ସ୍ଥାନୀୟ ତହସିଲ୍‌ଦାର କୀର୍ତ୍ତି ଚରଣ ପ୍ରଧାନ, ବିଡିଓ ବିକ୍ରମ ଦୋରା, କୁନ୍ଦୁରା ତହସିଲଦାର ବିନୋଦ କୁମାର ନାୟକ, କୋଟପାଡ଼ ଥାନା ଅଧିକାରୀ ପରମା ନନ୍ଦ ସୁନାନୀ, ତହସିଲ କର୍ମଚାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ମାଟିରେ ମିଶିଲା ଟାଗୋର ସୋସାଇଟି କାର୍ଯ୍ୟାଳୟ

ମାଲକାନଗିରି, ୨୦।୧୧(ଗୌରୀଶଙ୍କର ପଣ୍ଡା)–ମାଲକାନଗିରି ଜିଲା ଡିଏନ୍‌କେ ଖେଳ ପଡିଆ ନିକଟରେ ଜବର ଦଖଲ କରିଥିବା ଟାଗୋର ସୋସାଇଟି ଫର୍ ରୁରାଲ ଡେଭଲପମେଣ୍ଟ କାର୍ଯ୍ୟାଳୟ ବୁଧବାର ଉଚ୍ଛେଦ କରାଯାଇଛି। ବହୁବର୍ଷ ଧରି ଏହି ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରାୟ ୪୯ ସେଣ୍ଟ ଜାଗାରେ ଜବର ଦଖଲ କରି ରହିଥିବା ବେଳେ ଏହାକୁ ଜେସିବି ଦ୍ୱାରା ଭଙ୍ଗାଯାଇଛି। ପୂର୍ବରୁ ମାଲ୍ୟବନ୍ତ ମହୋତ୍ସବ କିମ୍ବା ଅନ୍ୟ ଉତ୍ସବ ପାଳନ ବେଳେ ଡିଏନ୍‌କେ ଖେଳ ପଡିଆରେ ଲୋକଙ୍କ ଭିଡ ହେଉଛି। ଏଥିପାଇଁ ପ୍ରସାସନ ପକ୍ଷରୁ ଅନ୍ୟ କୌଣସି ସ୍ଥାନରେ ମାଲ୍ୟବନ୍ତ ମହୋତ୍ସବ ପାଳନ ଉପଯୁକ୍ତ ସ୍ଥାନ ନିରୂପଣ ହୋଇ ପାରି ନ ଥିଲା। ଫଳରେ ଡିଏନ୍‌କେ ଖେଳପଡିଆରେ ଭିଡ ନିୟନ୍ତ୍ରଣରେ ସମସ୍ୟା ଯୋଗୁ ପ୍ରଶାସନ ଦ୍ୱାରା ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ମାଲକାନଗିରି ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଜ୍ୟାନନ୍ଦ ଶତପଥୀଙ୍କ ସମେତ ତହସିଲଦାରଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ସମିତି ସଭ୍ୟ

ମାଥିଲି, ୨୦।୧୧ (ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମାଡକାପଦର ସମିତିସଭ୍ୟ ଅକ୍ଷୟ ରଞ୍ଜନ ପାଙ୍ଗି ସ୍ଥାନୀୟ ଅଞ୍ଚଳ ବିକାଶ, ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା, ପରିବେଶ ଓ ଅସ୍ମିତା ଆଦି ରକ୍ଷା ପାଇଁ ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ତତ୍କାଳୀନ ସରକାର ଜିଲା ଶିକ୍ଷାଅଧିକାରୀଙ୍କୁ ପ୍ରଧାନ ଶିକ୍ଷକ ଇନ୍‌ଚାର୍ଜରେ ପୋଷ୍ଟିଂ ଅର୍ଡର ବାହାର କରିଥିଲେ। ଅବସର ଓ ବଦଳି କିମ୍ବା ଅନ୍ୟାନ୍ୟ କାରଣରୁ ଖାଲି ପଡିଥିବା ପ୍ରଧାନ ଶିକ୍ଷକଙ୍କ ସ୍ଥାନପୂରଣ ନିମନ୍ତେ ନିର୍ଦ୍ଦେଶ ଥିଲା । କିନ୍ତୁ ବିଭାଗୀୟ ନିର୍ଦ୍ଦେଶକ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କୁ ସେମାନଙ୍କ କାର୍ଯ୍ୟଭାର, ୫–ଟି ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଶିକ୍ଷକଙ୍କୁ ୫ଟି ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଭୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ନିର୍ବାହ ପାଇଁ ଚିଠି ଲେଖିଛନ୍ତି।



ମାଡକାପଦର ସମିତିସଭ୍ୟ ଅକ୍ଷୟ ରଞ୍ଜନ ପାଙ୍ଗି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଜାତୀୟ ଶିକ୍ଷାନୀତି–୨୦୨୦ ପାଠଚକ୍ର

କୋରାପୁଟ, ୨୦।୧୧ (ଅମିତାଭ ବେହେରା)

କୋରାପୁଟସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ନୂତନ ଜାତୀୟ ଶିକ୍ଷାନୀତି–୨୦୨୦ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବିଦ୍ୟାଳୟର ଭୂମିକା ଶୀର୍ଷକ ନେଇ ଏକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଗୋପାଳ ହାଲ୍‌ଦାର ପ୍ରଦୀପ ପ୍ରଜ୍ୱଳନକରି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ନିର୍ଦ୍ଦେଶିକା ଡ. ଲତିକା ମିଶ୍ର, ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ବରିଷ୍ଠ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନି ପ୍ରମୁଖ ଉପସ୍ଥିତ ଥିଲେ। ପାଠଚକ୍ରରେ ଲବ୍ଧ ପ୍ରତିଷ୍ଠିତ ଶିକ୍ଷାବିତ୍ ପ୍ରଫେସର ଡ. ବିମଳ ଚରଣ ସ୍ୱାଇଁ, ଡ. ବୃନ୍ଦାବନ ଚନ୍ଦ୍ର ମିଶ୍ର ଗବେଷଣାତ୍ମକ ପ୍ରବନ୍ଧ ପାଠକରି ଉଚ୍ଚଶିକ୍ଷା ଓ ମାଧ୍ୟମିକ ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଇ ନୂତନ ଶିକ୍ଷାନିତୀର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ନୂଆଦିଲ୍ଲୀସ୍ଥିତ ଭାରତୀୟ ବିଶ୍ୱବିଦ୍ୟାଳୟ ସମୂହ ଗବେଷଣା ବିଭାଗ ଉପନିର୍ଦ୍ଦେଶକ ଡ. ଅମରେନ୍ଦ୍ର ପାଣି ଏ ନେଇ ପ୍ରବନ୍ଧ ପାଠ କରିଥିଲେ। କୋରାପୁଟ ଜିଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୬୦ ଜଣ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ, ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ଗବେଷକ, ଛାତ୍ରୀଛାତ୍ର ଅନ୍‌ଲାଇନ ମାଧ୍ୟମରେ ଯୋଗ ଦେଇଥିଲେ। ବିଶେଷ ଅତିଥି ଜିଲା ପେଡ଼ାଗୋଜି କୋଅର୍ଡିନେଟର, ଡିଏଭି ପୂର୍ବତନ ଅଧ୍ୟକ୍ଷ ଓ ଅନ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ। ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ତନ୍ତୀ ପାଠଚକ୍ରର ଉଦ୍ଦେଶ୍ୟ ନେଇ ମତ ରଖିଥିଲେ। ଡ. ରାକ୍ଷୀ ନାୟକ ଓ ପ୍ରଜ୍ଞା ପରିମିତା ସାମନ୍ତରାୟ ପରିଚାଳନା କରିଥିଲେ।




ପାଠଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

## ଜଣେ ଶିକ୍ଷକ ଛୁଟିରେ, ୧୨ଟାରେ ଆସୁଛନ୍ତି ପ୍ରଧାନ ଶିକ୍ଷକ

### ସମସ୍ୟା ଘେରରେ ବାଗ୍ରୀଆଗୁଡା ପ୍ରାଥମିକ ବିଦ୍ୟାଳୟ

କୋରୁକୋଣ୍ଡା, ୨୦।୧୧ (ଶିବଦତ୍ତ ସାହୁ)

ଚିତ୍ରକୋଣ୍ଡା ବ୍ଲକ ଟର୍ନେଲକ୍ୟାମ୍ପ ପଞ୍ଚାୟତ ବାଗ୍ରୀଆଗୁଡା ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖାଦେଇଛି। ସର୍ବଶିକ୍ଷା ଅଭିଯାନରେ ୨୦୦୬ରେ ଏହା ସ୍ଥାପିତ ହୋଇଥିଲା। ପ୍ରଥମରୁ ୫ମ ପର୍ଯ୍ୟନ୍ତ ବାଗ୍ରୀଆଗୁଡା ଓ ଚନ୍ଦ୍ରମଣ୍ଡଳ ଗ୍ରାମର ୨୧ଛାତ୍ରୀଛାତ୍ର ଏଠାରେ ପଢୁଛନ୍ତି। ଏଠାରେ ଦୀର୍ଘମାସ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ପ୍ରଧାନ ଶିକ୍ଷକ ଭାବେ ରବି ନାରାୟଣ ବରାଡ଼ଙ୍କୁ ଦାୟିତ୍ୱ ଦିଆଯିବା ସହ ସହକାରୀ ଶିକ୍ଷକ ଭାବେ ବୀରେନ୍ଦ୍ର ଜାରିକାଙ୍କୁ ନିଯୁକ୍ତ କରାଯାଇଛି। ମଙ୍ଗଳବାର କୌଣସି କାରଣରୁ ସହକାରୀ ଶିକ୍ଷକ ଜାରିକା ଛୁଟିରେ ଥିଲେ।



ପ୍ରଧାନ ଶିକ୍ଷକ ବରାଡ଼ ଠିକ ସମୟରେ ପହଞ୍ଚିବା କଥା, କିନ୍ତୁ ପିଲାମାନେ ପୂର୍ବାହ୍ନ ୧୦ଟାରେ ପହଞ୍ଚି ଶ୍ରେଣୀରେ ବସିଥିଲେ। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କେହି ଶିକ୍ଷକ ନ ଥିଲେ। ଅଫିସରେ ରୋଷଇ ସାମଗ୍ରୀ ରଖାଯାଇ ତାଲା ପଡିଥିବାରୁ ଦୁଇଜଣ ରୋଷେୟା ମଧ୍ୟାହ୍ନଭୋଜନ ରାନ୍ଧିବାକୁ ଆସିଥିଲେ ମଧ୍ୟ ତାଲା ପଡିଥିବାରୁ ୧୨ ଟା ପର୍ଯ୍ୟନ୍ତ ବାରଣ୍ଡାରେ ବସିଥିଲେ। ୧୧ ଟା ୪୫ରେ ବାଲିମେଳା ସହର ଜଣେ ବ୍ୟକ୍ତି ଆସି ଅଫିସ ତାଲା ଖୋଲିଥିଲେ। ଚାବିକାହାଠାରୁ ଆଣିଲ ବୋଲି ପଚାରିବାରୁ ରବି ସାର ମୋତେ ଚାବିଦେଇ କୁଆଡେ ଗଲେ ମୁଁ ଜାଣିନି ବୋଲି ସେ କହିଥିଲେ। ଟର୍ନେଲକ୍ୟାମ୍ପ ସରପଞ୍ଚ ସୀତାମା ମୁଦୁଲି ପହଁଞ୍ଚି ସାରମାନେ କାହିଁକି ଆସିନାହାନ୍ତି ବୋଲି ରୋଷେୟାଙ୍କଠାରୁ ବୁଝି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶିକ୍ଷାବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବି ବୋଲି କହିଥିଲେ। ଖବର ପାଇ ପ୍ରଧାନ ଶିକ୍ଷକ ବରାଡ଼ ମଧ୍ୟାହ୍ନ ପ୍ରାୟ ୧୨ଟାରେ ପହଁଞ୍ଚି ଅଫିସରୁ ରୋଷେଇ ସାମଗ୍ରୀ ଦେବାପରେ ମଧ୍ୟାହ୍ନଭୋଜନ ଆରମ୍ଭ ହୋଇଥିଲା। ସ୍କୁଲର ବିଦ୍ୟୁତ୍ ବିଲ ବାକି ଥିବାରୁ ଏକ ସପ୍ତାହ ପୂର୍ବେ ଲାଇନ କଟି ଦିଆଯାଇଛି। ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଶୌଚାଳୟ। ପାଣିଟାଙ୍କି ଫାଟି ଯାଇଥିବାରୁ ଅଧା କି.ମି.ଦୂରରୁ ପାଣି ଆଣୁଛନ୍ତି ରୋଷେୟା। ରାନ୍ଧିବା ପାଇଁ ଚୁଲା ନ ଥିବାରୁ କାଠ ଚୁଲାରେ ରନ୍ଧା ଯାଉଛି ମଧ୍ୟାହ୍ନ ଭୋଜନ। ସେହିପରି ସୁରକ୍ଷା ପାଚେରି ମଧ୍ୟ ନାହିଁ । ଏ ସମ୍ପର୍କରେ ସିଆରସିସି କରୁଣାକର ସ୍ୱାଇଁଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକ ସ୍କୁଲକୁ ବିଳମ୍ବରେ ଯାଇଥିବା ସ୍ୱୀକାର କରିଥିଲେ। ପ୍ରଧାନ ଶିକ୍ଷକ ରବି ନାରାୟଣ ବରାଡ଼ଙ୍କୁ ପଚାରିବାରୁ ମୁଁ କ୍ଲଷ୍ଟରକୁ ଯାଇଥିଲି, ସେଥିପାଇଁ ଆସିବାରେ ବିଳମ୍ବ ହୋଇଛି ବୋଲି କହିଥିଲେ। କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କୁ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

